ବର୍ଷ-୨୬, ସଂଖ୍ୟା-୧୪୩
ଭୁବନେଶ୍ୱର
୨୭, ମଇ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 143
Bhubaneswar
27 May, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଫେରିବେ ମିନାକ୍ଷୀ

ଓସିଏସ-୨୦୨୪

# ବୁବୁନ ସାହୁ ଟପ୍ପର, ଶୀର୍ଷ ୧୦ରେ ୪ ମହିଳା

ଭୁବନେଶ୍ୱର,୨୬।୫(ମହାଭାରତ): ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ୍ ସର୍ଭିସେସ୍ (ଓସିଏସ) ପରୀକ୍ଷା-୨୦୨୪ର ରେଜଲ୍ଟ ଆଜି ପ୍ରକାଶ ପାଇଛି। ମୋଟ ୨୦୦ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସେଥିରେ ୭୮ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ସେହିପରି ବୁବୁନ୍ ସାହୁ ଟପ୍ପର ହୋଇଥିବାବେଳେ ଶୀର୍ଷ ୧୦ଜଣଙ୍କ ମଧ୍ୟରେ ୪ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଓଡିଶା ଲୋକସେବା ଆୟୋଗଙ୍କ ୱେବସାଇଟରେ କୃତୀ ପରୀକ୍ଷାର୍ଥୀମାନେ ନିଜର ସମ୍ପୂର୍ଣ୍ଣ ମେରିଟ୍ ଲିଷ୍ଟ ଯାଂଚ କରିପାରିବେ ବୋଲି ଓପିଏସସିଙ୍କ ପକ୍ଷରୁ ପ୍ରେସ୍ ରିଲିଜ୍ ମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଶୀର୍ଷ ୧୦ ବା ଟପ୍ ଟନ୍ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ବୁବୁନ୍ ସାହୁ, ଦ୍ୱିତୀୟରେ ଶୋଭନା ମହାନ୍ତି, ତୃତୀୟରେ ଜିତାମିତ୍ର ସାହୁ, ଚତୁର୍ଥରେ କନକ ଜୈନ, ପଂଚମରେ ସଂଗ୍ରାମ ପ୍ରଧାନ, ଷଷ୍ଠରେ ଅମନ ଗୋୟଲ, ସପ୍ତମରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମରେ ନିତେଶ କୁମାର ବାରିକ, ନବମରେ ଶୀତଲ ପାତ୍ର ଓ ଦଶମ ସ୍ଥାନରେ ଇତିଶ୍ରୀ ଜେନା ରହିଛନ୍ତି। ଏହି ଟପ୍ ଟେନ୍ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୪ ଜଣ ମହିଳା ପ୍ରାର୍ଥୀ (ଶୋଭନା ମହାନ୍ତି, କନକ ଜୈନ, ଶୀତଲ ପାତ୍ର ଏବଂ ଇତିଶ୍ରୀ ଜେନା) ରହିଛନ୍ତି।



ସେହିପରି ଓସିଏସ୍ ପରୀକ୍ଷାରେ ମହିଳା ପରୀକ୍ଷାର୍ଥୀଙ୍କ ଭଲ ପ୍ରଦର୍ଶନ କରିଛନ୍ତି। ଓପିଏସସିଙ୍କ ଦ୍ୱାରା କରାଯାଇଥିବା ସୁପାରିଶରେ ମୋଟ୍ ୨୦୦ଜଣ କୃତୀ ପରୀକ୍ଷାର୍ଥୀ ଥିବାବେଳେ ସେଥିରେ ୭୮ଜଣ ମହିଳା ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ବିଭିନ୍ନ ବର୍ଗ ଅନୁସାରେ ସାଧାରଣ ବର୍ଗରେ ୭୦ ଜଣ, ଏସଇବିସି ବର୍ଗରେ ୩୫ ଜଣ, ଅନୁସୂଚିତ ଜାତି ବର୍ଗରେ ୪୫ ଜଣ ଓ ଅନୁସୂଚିତ ଜନଜାତିବର୍ଗରେ ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଚୟନିତ ହୋଇଛନ୍ତି।

ସମସ୍ତ ସଫଳ ପ୍ରାର୍ଥୀଙ୍କ ଆବେଦନ ଫର୍ମରେ ଦର୍ଶାଯାଇଥିବା ପରୀକ୍ଷା ଦେବାର ସଂଖ୍ୟା ବା ଆଟେମ୍ପ୍ଟର ସତ୍ୟତାକୁ ଭବିଷ୍ୟତରେ ଯାଂଚ କରାଯିବ ଓ ଏଥିରେ କୌଣସି ଅସଙ୍ଗତି ମିଳିଲେ ସେମାନଙ୍କ ସୁପାରିଶ ପ୍ରତ୍ୟାହାର କରାଯିବ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ଏହି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସାମୟିକ ଥିବାବେଳେ ଶାରୀରିକ ସୁସ୍ଥତା ଓ ପ୍ରମାଣପତ୍ରର ଚୂଡ଼ାନ୍ତ ଯାଂଚ ପରେ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଏହି ପରୀକ୍ଷା ଫଳାଫଳ ଓଡିଶା ପ୍ରଶାସନିକ ସେବା ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ସାଧାରଣତଃ ଆବେଦନ ପ୍ରକ୍ରିୟାଠାରୁ ଆରମ୍ଭ କରି ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବା ପର୍ଯ୍ୟନ୍ତ ପ୍ରାୟ ୧୮ ରୁ ୨୨ ମାସର ସମୟ ଲାଗୁଥିବାବେଳେ, ଚଳିତ ଥର ମାତ୍ର ୧୩ ମାସ ମଧ୍ୟରେ ସମଗ୍ର ପ୍ରକ୍ରିୟା ଶେଷ କରିବାରେ ଓଡିଶା ଲୋକସେବା ଆୟୋଗ ସଫଳ ହୋଇଛନ୍ତି।

ଏହି ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ୟୁପିଏସସି ଓ ଓପିଏସସି ପରୀକ୍ଷାର ସମୟ ସୂଚୀ ମଧ୍ୟରେ ସମନ୍ୱୟ ରହିବ। ଏବେ ପରୀକ୍ଷା ସୂଚୀରେ ସମାନତା ଆସିବା ଫଳରେ ରାଜ୍ୟର ଛାତ୍ରଛାତ୍ରୀମାନେ ଗୋଟିଏ ପ୍ରସ୍ତୁତିରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ପରୀକ୍ଷା ଦେଇପାରିବେ, ଯାହା ସେମାନଙ୍କ ପାଠପ୍ଢ଼ା ବୋଝକୁ ଅନେକାଂଶରେ ହ୍ରାସ କରିବ ବୋଲି କୁହାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଶାସନିକ ସେବାକୁ କେବଳ ଏକ ପଦବୀ ନୁହେଁ ବରଂ ଜନସେବାର ଏକ ପବିତ୍ର ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

# ପୁଣି ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଚର୍ଚ୍ଚା

ଭୁବନେଶ୍ୱର ୨୬।୫(ମହାଭାରତ):: ଆଉ କେଇଟା ଦିନ ପରେ ମୋହନ ସରକାର ପାଳିବେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ । ଏଥିପାଇଁ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ତେବେ ଏହା ପୂର୍ବରୁ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେବାର ବଡ଼ ସଙ୍କେତ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଦୀର୍ଘ ଦୁଇ ବର୍ଷ ହେବ ଅନେକ ବିଧାୟକ ମନ୍ତ୍ରୀ ପଦ ପାଇବା ଆଶାରେ ଅପେକ୍ଷା କରି ରହିଛନ୍ତି । ଦୁଇ ବର୍ଷ ପୂର୍ତ୍ତିରେ ଏହି ସୁବର୍ଣ୍ଣ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ଏହାରି ମଧ୍ୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ବଡ଼ ସଙ୍କେତ ଦେଇଛନ୍ତି । କୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହୋଇପାରେ । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସମୟ ସମୟରେ ଦିଲ୍ଲୀ ଗସ୍ତରେ ଯାଆନ୍ତି । ଆଗକୁ ଦୁଇ ବର୍ଷ ପୂର୍ତ୍ତି ଉତ୍ସବକୁ ଅତି ନିରାଡ଼ମ୍ବର ସହିତ ପାଳନ କରାଯିବ । ଏଥିରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦିଆଯାଇଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ। ତେବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ମନ୍ତ୍ରୀ କହିଛନ୍ତି ଯେ କୌଣସି ମୁହୂର୍ତ୍ତରେ ଏହା ହୋଇପାରେ। ଖାଲି ସେତିକି ନୁହେଁ ନିଗମ ବୋର୍ଡ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ତେଣୁ ଯେତେବେଳେ ହେବ ସେତେବେଳେ ସମସ୍ତଙ୍କୁ ଜଣାଇଦିଆଯିବ ବୋଲି ସେ କହିଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଥିବାବେଳେ ରାଜ୍ୟ ବିଜେପି ସଭାପତି ମଧ୍ୟ ବର୍ତ୍ତମାନ ଦିଲ୍ଲୀରେ ଅଛନ୍ତି । ଦେବାଶିଷ ସାମନ୍ତରାୟଙ୍କ ମିଶ୍ରଣ ପର୍ବରେ ମନମୋହନ ସାମଲ ଯୋଗ ଦେଇଥିଲେ । ତେବେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଜାତୀୟ ନେତାଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରେ ବୋଲି ସନ୍ଦେହ କରାଯାଉଛି । ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ବିଧାୟକମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି ହୋଇଛି । କାହାକୁ କେଉଁ ମନ୍ତ୍ରୀ ପଦ ମିଳିବ ଏବଂ କେଉଁ ମନ୍ତ୍ରୀ କେଉଁ ପଦରୁ ବାହାରିବେ ତାହାକୁ ନେଇ ଅଙ୍କ କଷା ଆରମ୍ଭ ହୋଇଛି ।



# ପଦ୍ମ ଧରିଲେ ଦେବାଶିଷ

ନୂଆଦିଲ୍ଲୀ, ୨୬।୫(ମହାଭାରତ): ଗତକାଲି ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଜି ବିଜେପିରେ ଯୋଗ ଦେଇଛନ୍ତି। ସେ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ବିଜେପିରେ ମିଶିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଲି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଓଡିଶାର ବିକଶ ହେଉଛି। ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଓଡିଶାରେ ବିଜେପି ପାଇଁ ବହୁତ କାମ କରିବି ଓ ଦଳକୁ ଆହୁରି ସୁଦୃଢ଼ କରିବି।



ବିଜେପିରେ ମିଶିବା ପରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ଭେଟିଥିଲେ ଦେବାଶିଷ ସାମନ୍ତରାୟ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ନିତିନ ନବୀନଙ୍କୁ ଭେଟିଥିଲେ।

ଗତକାଲି ବିଜେଡିରୁ ଇସ୍ତଫା ଦେବା ସହିତ ସେ ରାଜ୍ୟସଭା ସାଂସଦ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ନବୀନଙ୍କୁ ପଠାଇଥିବା ଇସ୍ତଫା ପତ୍ରରେ ଦେବାଶିଷ ଉଲ୍ଲେଖ କରିଥିଲେ ଯେ ସେ ସର୍ବଦା ନିଜକୁ ଦଳର ସ୍ୱାର୍ଥ ପାଇଁ ଉତ୍ସର୍ଗ କରିଆସିଛନ୍ତି ଓ ବହୁ ବର୍ଷ ଧରି ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଏବଂ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରିଛନ୍ତି। ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିବାରୁ ସେ ନବୀନଙ୍କ ନିକଟରେ ଚିରଋଣୀ ରହିବେ।


ମାତ୍ର ବର୍ତ୍ତମାନ ପରିସ୍ଥିତିକୁ ନେଇ ସେ ନିଜର କ୍ଷୋଭ ବ୍ୟକ୍ତ କରି କହିଥିଲେ ଯେ ବିଗତ କିଛି ଦିନ ହେବ ଦଳ ମଧ୍ୟରେ ତାଙ୍କୁ ଯୋଜନାବଦ୍ଧ ଭାବେ ନ୍ୟୁନ କରାଯାଇଛି, ଅପମାନିତ ଓ କୋଣଠେସା କରାଯାଇଛି। ଦଳରେ ତାଙ୍କ ସେବାର ଆଉ କୌଣସି ଆବଶ୍ୟକତା ନାହିଁ ବୋଲି ସେ ଅନୁଭବ କରୁଛନ୍ତି। ଏହି କାର୍ଯ୍ୟଶୈଳୀ ଯୋଗୁଁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଦେବାଶିଷ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଥିଲେ। ଦେବାଶିଷ ୨୦୨୪ ଏପ୍ରିଲରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ ତାଙ୍କର କାର୍ଯ୍ୟକାଳ ୨୦୩୦ ଏପ୍ରିଲରେ ଶେଷ ହେବ।

# ପାଇଖାନା ଟାଙ୍କିରେ ଅଘଟଣ

## ଘର ମାଲିକ ଏବଂ ପୁଅ ସହିତ ୪ ଶ୍ରମିକ ମୃତ, ଜଣେ ଗୁରୁତର

କଳାହାଣ୍ଡି, ୨୬।୫(ମହାଭାରତ): ସକାଳୁ ସକାଳୁ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଥାନା ଗୌଡକର୍ଲାଖୁଣ୍ଟା ଗାଁରେ ଏକ ବଡ଼ ଅଘଟଣ ଘଟିଯାଇଛି । ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି । ସମସ୍ତଙ୍କୁ ମଦନପୁରରାମପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତକଙ୍କ ଭିତରେ ଚାରି ଶ୍ରମିକ, ଘର ମାଲିକ ଏବଂ ତାଙ୍କ ପୁଅ ମଧ୍ୟ ରହିଛନ୍ତି ।

ମୃତକ ହେଲେ ଘର ମାଲିକ ନିମାଇଁ ପାଲ(୪୮) ଓ ତାଙ୍କ ପୁଅ ଆକାଶ ପାଲ (୨୮) । ମୃତ ଶ୍ରମିକମାନେ ହେଲେ ଅଦଲ ମାଝୀ (୫୫), ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ (୨୭), ଦୁଟାଗାଁର ଛନ୍ଦା ଜାଲ ଓ ବିପୁଲ ଜାଲ । ଗୁରୁତର ଜଣକ ହେଲେ ହାତୀଖୋଜ ଗାଁର ପଙ୍କଜ ଯାନୀ (୩୨) । ତାଙ୍କୁ ଏମ ରାମପୁର ମେଡିକାଲରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



ସକାଳ ପ୍ରାୟ ୯ଟା ହେବ। ଶୌଚାଳୟ ପାଇଁ ଖଞ୍ଜା ଯାଇଥିବା ସେଣ୍ଟ୍ରିଂ ଖୋଲିବା ପାଇଁ ପ୍ରଥମେ ଜଣେ ଶ୍ରମିକ ପ୍ରଥମେ ଭିତରକୁ ପ୍ରବେଶ କରିଥିଲେ। କିଛି ସମୟ ପରେ ତାଙ୍କର ସ୍ୱର ନରମି ଯାଇଥିଲା। ବାହାରେ ଥିବା ଲୋକେ ଯେତେ ଡାକିଲେ ମଧ୍ୟ ଭିତରୁ କିଛି ଶବ୍ଦ ଶୁଣାଯାଇ ନଥିଲା। ଫଳରେ ସେମାନେ ଚିନ୍ତାରେ ପଡି ଯାଇଥିଲେ। ଘର ମାଲିକ ମଧ୍ୟ ବ୍ୟଥିତ ହୋଇ ପଡୁଥିଲେ। ଏହା ପରେ ଭିତରକୁ ଆଉ ୨ଜଣ ଶ୍ରମିକ ପ୍ରବେଶ କରିଥିଲେ। ସେମାନଙ୍କର ଅବସ୍ଥା ମଧ୍ୟ ସମାନ ହୋଇ ଯାଇଥିଲା। ଶେଷରେ ଶୌଚାଳୟ ଟାଙ୍କି ଭିତରକୁ ମାଲିକ ନିମାଇଁ ଏବଂ ତାଙ୍କର ପୁଅ ଆକାଶଙ୍କ ସମେତ ୭ ଜଣ ପ୍ରବେଶ କରିଥିଲେ। ଯିଏ ବି ଭିତରକୁ ପ୍ରବେଶ କରୁଥିଲେ, ସିଏ ଅଣନିଃଶ୍ୱାସୀ ହୋଇଯାଉଥିଲେ। ନିସ୍ତେଜ ହୋଇ କେବଳ ହାତ ଠାରି ଇସାରା ଦେଉଥିଲେ। କାହାରି ପାଟିରୁ କଥା ବାହାରୁ ନଥିଲା। ଖନା ସ୍ୱରରେ କହୁଥିଲେ। ସତେ ଯେପରି ଯମର ଦଉଡି ଲାଗି ସାରିଥିଲା।

ନିର୍ମାଣାଧୀନ ଶୌଚାଳୟ ଟାଙ୍କି ଭିତରୁ ୫ ଜଣ ଶ୍ରମିକ ଏବଂ ମାଲିକ ବାପ-ପୁଅଙ୍କୁ ଉଦ୍ଧାର କରାଯିବା ଘଟଣା ଚିନ୍ତାଜନକ ଥିଲା। ଘଟଣାସ୍ଥଳ ଯେତିକି ହୃଦୟ ବିଦାରକ ଥିଲା, ସେତିକି ଚିତ୍କାରପୂର୍ଣ୍ଣ ଥିଲା। ପ୍ରତକ୍ଷ୍ୟଦର୍ଶୀଙ୍କ ଲୋମ ଟାଙ୍କୁରି ଉଠୁଥିଲା। ନିମାଇଁ ପାଲଙ୍କ ପରିବାର ସ୍ତ୍ରୀ ଏବଂ ଝିଅ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରୁଥିଲେ। ବୁକୁ ଫଟାଇ କାନ୍ଦୁଥିଲେ। ଏହି ଶବ୍ଦ ଶୁଣି ପଡୋଶୀ ଏବଂ ଗ୍ରାମବାସୀ ଦୌଡି ଆସିଥିଲେ।

ଉପସ୍ଥିତ ଜନତାଙ୍କ ଉଦ୍ୟମରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ମଦନପୁର ରାମପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ସେଠାରେ ବାପ-ପୁଅ ଏବଂ ଅନ୍ୟ ୪ଜଣ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ପଙ୍କଜ ଭୋଇଙ୍କର ଚିକିତ୍ସା ଜାରି ରହିଛି। ଅଧିକ ଚିକିତ୍ସା ପାଇଁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତର ସମସ୍ତଙ୍କୁ ସିପିଆର୍ ଦେବା ସହିତ ତୁରନ୍ତ ଅକ୍ସିଜେନ ଲଗାଇଥିଲେ । ମାତ୍ର କାହାକୁ ବଞ୍ଚାଇବା ସମ୍ଭବ ହୋଇପାରିନଥିଲା । ଶେଷରେ ଡାକ୍ତର ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଆଉ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେବି ସଙ୍ଗୀନ ରହିଛି । ଖବର ଲେଖା ଯିବାବେଳକୁ ଉକ୍ତ ବ୍ୟକ୍ତିଙ୍କ ଚିକିତ୍ସା ଜାରି ରହିଥିଲା । ତେବେ କାହାର ପରିଚୟ ମିଳିପାରି ନାହିଁ ।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୃତକଙ୍କ ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ।

# ୨ ଟଙ୍କା ମହଙ୍ଗା ହେଲା ସିଏନଜି

ନୂଆଦିଲ୍ଲୀ, ୨୬।୫(ମହାଭାରତ): ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡ। ମଙ୍ଗଳବାର ଦେଶରେ ମହଙ୍ଗା ହୋଇଛି ସିଏନଜି। କେଜି ପିଛା ସିଏନଜିର ମୂଲ୍ୟ ୨ ଟଙ୍କା ବୃଦ୍ଧି ପାଇଛି। ଗତ ୧୨ ଦିନ ମଧ୍ୟରେ ୪ର୍ଥ ଥର ପାଇଁ ସିଏନଜି ଦାମ ବଢ଼ିଛି। ବିଶ୍ୱ ବଜାରରେ ଶକ୍ତିର ଦାମ ବୃଦ୍ଧି ପାଉଥିବାରୁ ବିଭିନ୍ନ କମ୍ପାନୀଗୁଡିକ ସିଏନଜି ଦାମ ବାଇଛନ୍ତି।

ବର୍ଦ୍ଧିତ ଦର ଆଜି ସକାଳ ୬ଟାରୁ ହିଁ ଲାଗୁ ହୋଇ ଯାଇଛି। ଏବେ ଦିଲ୍ଲୀରେ ସିଏନଜିର କେଜି ପିଛା ଦାମ ୮୩.୦୯ ଟଙ୍କାରେ ପହଞ୍ଚି ଯାଇଛି। ଏହାପୂର୍ବରୁ ରବିବାର ସିଏନଜିର କେଜି ପିଛା ଦାମ ୧ ଟଙ୍କା ବୃଦ୍ଧି ପାଇଥିଲା। ସେହିପରି ଶୁକ୍ରବାର ଦିଲ୍ଲୀ-ଏନସିଆରରେ ୧ ଟଙ୍କା ମହଙ୍ଗା ହୋଇଥିଲା ସିଏନଜି। ମେ' ୧୫ରେ ମଧ୍ୟ ସରକାର ସିଏନଜିର ଦାମ କେଜି ପିଛା ଦୁଇ ଟଙ୍କା ବଢ଼ାଇଥିଲେ। ଅର୍ଥାତ ୧୨ ଦିନରେ ସିଏନଜିର କେଜି ପିଛା ଦାମ ୭ ଟଙ୍କା ବୃଦ୍ଧି ପାଇ ସାରିଲାଣି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପେଟ୍ରୋଲ, ଡିଜେଲ ଓ ସିଏନଜି ଦାମ ବୃଦ୍ଧି ପାଉଥିଲେ ଯେ ପିଏନଜି ବା ପାଇପ ଯୋଗେ ପ୍ରାକୃତିକ ଗ୍ୟାସର ଦାମ ଅପରବର୍ତ୍ତିତ ରହିଛି। ସିଏନଜି ଭଳି ସରକାର ମେ' ୧୫ରୁ ଇତି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ୪ଥର ବୃଦ୍ଧି କରି ସାରିଲେଣି। ୨୦୨୨ ପରେ ପ୍ରଥମଥର ଚଳିତ ବର୍ଷ ମେ' ୧୫ ତାରିଖରେ ପେଟ୍ରୋଲ ଓ ଡିଜେଲ ଦାମ ବୃଦ୍ଧି ପାଇଥିଲା। ପ୍ରଥମେ ଉଭୟ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ୩ ଟଙ୍କା ଲେଖାଏ ବିଥିଲା। ଏହାର ୪ ଦିନ ପରେ ଅର୍ଥାତ ମେ' ୧୯ରେ ପେଟ୍ରଲ ଲିଟର ପିଛା ୮୭ ପଇସା ଓ ଡିଜେଲ ଲିଟର ପିଛା ୯୧ ପଇସା ମହଙ୍ଗା ହୋଇଥିଲା।ମେ' ୨୩ରେ ପୁଣି ଗ୍ରାହକଙ୍କୁ ମହଙ୍ଗା ମାଡର ସାମ୍ନା କରିବାକୁ ପଡିଥିଲା। ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦାମ ଯଥାକ୍ରମେ ୮୬ ଓ ୯୪ ପିଇସା ବୃଦ୍ଧି ପାଇଥିଲା। ମଙ୍ଗଳବାର ପୁଣି ପେଟ୍ରୋଲର ଲିଟର ପିଛା ୨.୬୧ ଟଙ୍କା ଓ ଡିଜେଲ ୨.୭୧ ଟଙ୍କା ବଢ଼ିଥିଲା।ଆଗକୁ ତେଲ ଦର ଆହୁରି ବୃଦ୍ଧି ପାଇବା ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟ ଆକାଶ ଛୁଆଁ ଓ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଉଛି। ଯାହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ ଉପରେ ପଡୁଛି।

# ଅପରାଧୀଙ୍କ ବିରୋଧରେ ଜିରୋ ଟଲେରାନ୍ସ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୫(ମହାଭାରତ): ରାଜ୍ୟରେ ଦିନକୁ ଦିନ ବଢୁଥିବା ସଙ୍ଗଠିତ ଅପରାଧ, ହତ୍ୟା, ଆକ୍ରମଣ ଓ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ଦ୍ୱାରା ପୁଲିସ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ଗୁରୁତ୍ୱ ସହ ନେଇଛି ଓଡ଼ିଶା ପୁଲିସ। ଆଇନ-ଶୃଙ୍ଖଳା, ସାଧାରଣ ଜନତାଙ୍କ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଦୃଢ଼ ଓ କଠୋର ପଦକ୍ଷେପ ଗ୍ରହଣ କରାଯାଉଛି। ଓଡ଼ିଶା ପୁଲିସକୁ ଅପରାଧୀଙ୍କ ବିରୋଧରେ "ଜିରୋ ଟଲେରାନ୍ସ" ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ।

ପୁଲିସ ଉପରେ ଆକ୍ରମଣ କରୁଥିବା ଓ ସାଧାରଣ ଲୋକଙ୍କ ମନରେ ଭୟର ପରିବେଶ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଓ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସେ କହିଛନ୍ତି। ଏଥିସହ ଆଇନକୁ ହାତକୁ ନେଇ ସମାଜରେ ହିଂସା ସୃଷ୍ଟି କରୁଥିବା, ଅବୈଧ ଅସ୍ତ୍ର ବ୍ୟବହାର କରୁଥିବା ଓ ପୁଲିସ ଉପରେ ଆକ୍ରମଣ କରୁଥିବା ଅପରାଧୀମାନଙ୍କ ବିରୋଧରେ କୌଣସି ପ୍ରକାର ସହନଶୀଳତା ପ୍ରଦର୍ଶନ କରାଯିବ ନାହିଁ ବୋଲି ସେ ରୋକଠୋକ ଶୁଣାଇ ଦେଇଛନ୍ତି।ଗତ କିଛି ଦିନ ମଧ୍ୟରେ ବ୍ରହ୍ମପୁର ଓ ବେଲପାହାଡ଼ ଅଞ୍ଚଳରେ ବିଭିନ୍ନ ଘଟଣାରେ ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଧରିବା ସମୟରେ ସେମାନେ ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ସମୟରେ ପୁଲିସ ପକ୍ଷରୁ ଆତ୍ମରକ୍ଷା ପାଇଁ ଆଇନସମ୍ମତ ଭାବେ ଗୁଳିଚାଳନା କରାଯାଇ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।ଗତ ୧୧.୦୫.୨୦୨୬ ତାରିଖରେ ବେଲପାହାଡ଼ ଥାନା ଅଧୀନ ବେଲପାହାଡ଼ ଫାଟକ ନିକଟରେ ରାହୁଲ ମହତୋଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏଥିରେ ଆକାଶ ସାହୁ ନାମକ ଯୁବକ ଗୁରୁତର ହୋଇଥିଲେ।ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ପୁଷ୍ପଲ ବାଞ୍ଛୋର, ଚାନ୍ଦ ବାଞ୍ଛୋର ଓ ସୁନୀଲ ମହାନନ୍ଦ ଓରଫ ଟାବୁଙ୍କୁ ସହ ଘଟଣାରେ ସଂପୃକ୍ତ ଡ୍ରାଇଭର ଫେରାର ହୋଇଯାଇଥିଲେ। ସେମାନଙ୍କୁ ପୁଲିସ ଚିହ୍ନଟ କରିଥିଲା। ସେମାନଙ୍କୁ ଧରିବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ସେମାନେ ପୁଲିସ ଉପରେ ଗୁଳିଚାଳନା କରି ଖସି ଯିବାକୁ ଉଦ୍ୟମ କରିଥିଲେ। ଏତିକି ବେଳେ ପୁଲିସ ପକ୍ଷରୁ ଆତ୍ମରକ୍ଷା ପାଇଁ ଗୁଳିଚାଳନା କରାଯାଇଥିଲା। ଏହାପରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଉଭୟ ଅଭିଯୁକ୍ତଙ୍କ ବିରୋଧରେ ସମ୍ବଲପୁର ଜିଲ୍ଲାରେ ଏକାଧିକ ଅପରାଧିକ ମାମଲା ରହିଛି ଏବଂ ଏନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସେହିପରି ବ୍ରହ୍ମପୁରର ହରିଡ଼ାଖଣ୍ଡି ମାଛ ମାର୍କେଟ ଠାରେ ମଙ୍ଗଳ ବେହେରା ଚାଉମିନ୍ ଖାଉଥିବା ବେଳେ ଜଗା, ବଳିଆ ଓ ଟିନୁ ନାମକ ୩ ଜଣ ବ୍ୟକ୍ତି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମଙ୍ଗଳ ବେହେରାଙ୍କ ମୁଣ୍ଡ, ବେକ, ହାତ, ଜଙ୍ଘ, ଆଣ୍ଠୁ, ଗୋଇଠି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା । ପୀଡ଼ିତଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତୁରନ୍ତ ତଦନ୍ତ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ସାହୁଙ୍କୁ ଧରିବାବେଳେ ସେ ପୁଲିସ ଉପରେ ଆକ୍ରମଣ କରି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ଆତ୍ମରକ୍ଷା ପାଇଁ ଗୁଳିଚାଳନା କରି ତାଙ୍କୁ ଧରିଛି।



**WANTED**

Applications are invited for the post of Lecturer in Education at **Dr. S.P. Degree College,** M.V.-79, Dist: Malkangiri for the vacancy. Candidate should have a **Master's Degree in Education** with a minimum of 55% marks. **Ph.D./M.Phil.** candidates will be given preference. Interested candidates may send their resume and certificates within 7 days to the Principal, Dr. S.P. Degree College, Podia, M.V.-79, PO: Lachhipeta, Dist: Malkangiri, Pin: 764087.

**Sd/-**
**Principal-cum- secreatary**

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡା ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

## ଖବର

# ଦିବ୍ୟାଙ୍କା ତ୍ରିପାଠୀଙ୍କ ଘରୁ ଆସିଲା ଡବଲ୍ ଖୁସି




ଟିଭି ଜଗତର ଲୋକପ୍ରିୟ ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀଙ୍କ ଘରକୁ ଆସିଲେ କୁନି ଅତିଥି। ବିବାହର ୧୦ ବର୍ଷ ପରେ ମା' ହୋଇଛନ୍ତି ଦିବ୍ୟାଙ୍କା । ତେବେ ଜଣେ ନୁହେଁ ବରଂ ଦୁଇ ଜଣ କୁନି ଅତିଥି ତାଙ୍କ ଘରକୁ ଆସିଛନ୍ତି । ଦିବ୍ୟାଙ୍କା ଦୁଇଟି ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ୪୧ ବର୍ଷ ବୟସରେ ଯାଆଁଳା ଛୁଆକୁ ଜନ୍ମ ଦେଇଛନ୍ତି ଅଭିନେତ୍ରୀ । ଗତ କିଛିଦିନ ତଳେ ପ୍ରେଗନେନ୍ସୀ ଘୋଷଣା କରିଥିଲେ ଦିବ୍ୟାଙ୍କା ।ଦିବ୍ୟାଙ୍କାଙ୍କ ସ୍ୱାମୀ ବିବେକ ଦାହିୟା ପୁଅ ଜନ୍ମ ହେବା ନେଇ ଫ୍ୟାନ୍ସଙ୍କୁ ଖୁସି ଖବର ଦେଇଛନ୍ତି । ପୋଷ୍ଟ ସେୟାର କରି କ୍ୟାପସନରେ ଲେଖିଛନ୍ତି, ଶେଷରେ ଅପେକ୍ଷାର ଫଳ ମିଳିଲା । 'ଦ ବୟଜ୍' ଆସିଯାଇଛନ୍ତି । ଆଉ ଜୀବନ ଏବେ ପୂର୍ବାପେକ୍ଷା ବହୁତ ସୁନ୍ଦର ଲାଗୁଛି । ଯାହା ଆମେ କେବେ ଭାବିନଥିଲୁ। ମୋ କରନ-ଅର୍ଜୁନ ଆସିଗଲେ । ଡିଭ୍ ଆଉ ମୁଁ ପ୍ୟାରେ□ହୁଡ୍ ସହିତ ନୂଆ ଆରମ୍ଭ କରିବୁକ । ଆମକୁ ଆପଣ ସମସ୍ତଙ୍କ ଭଲପାଇବା ଏବଂ ଆଶୀର୍ବାଦ ଜରୁରୀ ।ସୂଚନାଯୋଗ୍ୟ, ୨୦୨୬ରେ ଦିବ୍ୟାଙ୍କା ଏବଂ ବିବେକ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଦୁହେଁ ଭୋପାଳରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ତେବେ ଦୁହିଁଙ୍କର ସାକ୍ଷା 'ୟେ ହେ ମହବେତଁ' ସୁଟିଂ ସେଟରୁ ହୋଇଥିଲା ।

## ଭଗବାନ ଅର୍ଦ୍ଧନାରୀଶ୍ୱର



ତପସ୍ୱୀ ଭୃଙ୍ଗୀ ଭଗବାନ ଶିବଙ୍କ ପରମଭକ୍ତ ଥିଲେ । ସେ ସର୍ବଦା ଶିବଙ୍କୁ ଭଜନ କରୁଥିଲେ । ତେବେ ସେ ଦେବୀ ଶକ୍ତିଙ୍କୁ କେବେ ଆରାଧନା କରୁନଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଦେବୀ ଶକ୍ତି ତାଙ୍କ ଠାରୁ ଶକ୍ତି ଛଡ଼ାଇ ନେଲେ । ଶକ୍ତିବିହୀନ ଭୃଙ୍ଗୀ ଆଉ ଭୂମିରେ ସିଧାସଳଖ ଛିଡ଼ା ମଧ୍ୟ ହୋଇପାରିଲେ ନାହିଁ । ତାଙ୍କ ଦୁଃଖ ଦେଖି ଭଗବାନ ଶିବ ତାଙ୍କୁ ଏକ ବାଡ଼ି ଦେଲେ । ସେହି ବାଡ଼ିକୁ ଧରି ଭୃଙ୍ଗୀ ସିଧାସଳଖ ଛିଡ଼ା ହେଲେ । ଏହାପରେ ମଧ୍ୟ ଭୃଙ୍ଗୀ କେବଳ ଭଗବାନ ଶିବଙ୍କୁ ପୂଜା କଲେ, ଶକ୍ତିଙ୍କୁ ନୁହେଁ । ଦେବୀ ଶକ୍ତି ଭଗବାନ ମହାଦେବଙ୍କ ସହିତ ସମ୍ପୂର୍ଣ୍ଣ ରୂପରେ ସମ୍ମିଳିତ ହେବାର ପ୍ରୟାସ ଜାରି ରଖିଲେ । ସେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଦେବୀ ଶକ୍ତିଙ୍କୁ ନିଜର ଅର୍ଦ୍ଧାଙ୍ଗ ରୂପରେ ଗ୍ରହଣ କଲେ । ଏହାପରେ ସେ 'ଅର୍ଦ୍ଧନାରୀଶ୍ୱର' ଅବତାରରେ ଉଭା ହେଲେ । ଭଗବାନ ଅର୍ଦ୍ଧନାରୀଶ୍ୱରଙ୍କ ବାମ ପାର୍ଶ୍ୱ ପୁରୁଷ ବା ଶିବ ଏବଂ ଡାହାଣ ପାର୍ଶ୍ୱ ନାରୀ ବା ଶକ୍ତିଙ୍କ ରୂପରେ ପୂଜା କରାଗଲା ।

# କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର୍

ନୟାଗଡ ଜିଲ୍ଲା କଣ୍ଟିଲୋ ନୀଳମାଧଙ୍କ ପାର୍ଶ୍ୱ ଦେବତା ଭାବେ ବାବା ସିଦ୍ଧେଶ୍ୱର ପୂଜା ପାଉଛନ୍ତି। ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟଣ ଗତି କଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ। ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ। ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।ନୟାଗଡ ଜିଲ୍ଲା କଣ୍ଟିଲୋରେ ବିଦ୍ୟମାନ ଶ୍ରୀ ନୀଳମାଧଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ନାମରେ ନାମିତ କରାଯାଇଛି । ବ୍ରହ୍ମାଦି ପାହାଡ଼ ଉପରେ ପ୍ରଭୁ ନୀଳମାଧ ପୂଜା ପାଉଥିବା ବେଳେ ପାହାଡ଼ ତଳେ ପାର୍ଶ୍ୱଦେବତା ରୂପେ ବାବା ସିଦ୍ଧେଶ୍ୱର ବିଦ୍ୟମାନ । ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତି ଗତିଶୀଳୟ ସୂର୍ଯ୍ୟ ଉତ୍ତରାୟନ



ଗତିକଲେ ଶକ୍ତି ଦକ୍ଷିଣ ଦିଗକୁ ଢଳି ରହେ । ସୂର୍ଯ୍ୟ ଦକ୍ଷିଣୟାନ ଗତି କଲେ, ଶକ୍ତି ଉତ୍ତରକୁ ଢଳି ରହିଥାଏ । ଏଭଳି ଶିବ ମନ୍ଦିର ଦେଶରେରେ ବିରଳ।କିମ୍ବଦନ୍ତୀ କହେ କଣ୍ଟିଲୋ ଅଂଚଳ କଣ୍ଟେଇକୋଳି ଜଙ୍ଗଲରେ ଭର୍ତ୍ତି ହୋଇଥିଲା। ବେଦପତି ବ୍ରହ୍ମା ବ୍ରହ୍ମାଦି ପାହାଡ଼ର ବ୍ୟାଘ୍ର ଗୁମ୍ଫାରେ ସ୍ୱୟଂ ବିଷ୍ଣୁଙ୍କୁ ପୂଜା ଆରଧନା କରୁଥିଲେ । ଶିବ -ପାର୍ବତୀ ନାରାୟଣଙ୍କୁ ପରୀକ୍ଷା କରିବା ପାଇଁ ଚିନ୍ତାକଲେ। କଣ୍ଟିଲୋର କିଛି ଦୂରରେ ଥିବା ପାଟଣା ଗାଁର ଦକ୍ଷିଣଚଣ୍ଡୀଙ୍କ ନିକଟରେ ଶିବ ପାର୍ବତୀଙ୍କୁ ଛାଡି ବ୍ରହ୍ମାଦି ପାହାଡ଼କୁ ରୂପ ପରିବର୍ତ୍ତନ କରି ଆସିଲେ। ନୀଳମାଧଙ୍କୁ ଦର୍ଶନ କଲାବେଳେ ପ୍ରଭୁ ଶିବଙ୍କୁ ଚିହ୍ନି ପାରିଥିଲେ। ସେଠାରେ ଶିବଙ୍କୁ ରହିଯିବା ପାଇଁ ନୀଳମାଧବ କହିଥିଲେ। ସେହି ଦିନଠାରୁ ବ୍ରହ୍ମାଦି ପାହାଡ଼ରେ ଭଗବାନ ଶିବ ସୁବର୍ଣ୍ଣେଶ୍ୱର ନାମରେ ପୂଜା ପାଉଥିଲେ। ମହାଦେବ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିବାରୁ ସିଦ୍ଧେଶ୍ୱର ମହାଦେବ ନାମରେ ନାମିତ ହେଲେ ।ବ୍ରହ୍ମାଦି ପାହାଡ଼ ନିକଟସ୍ଥ ମହାନଦୀର ଅପର ପାର୍ଶ୍ୱରୁ ଏକ କାଳିଗାଈ ବ୍ରହ୍ମାଦି ପାହାଡ଼କୁ ଆସେ। କାଳିଗାଈ ଗଉଡ଼ ଘରେ କ୍ଷୀର ଦିଏ ନାହିଁ। ଗଉଡ଼ ସନ୍ଦେହ କରି ଦିନେ ଗାଈ ପିଛା କରିଥିଲା। ମହାନଦୀରେ ବର୍ଷି ପାଣି ଆସିଥାଏ। ଗାଈର ଲାଞ୍ଜ ଧରି ଗଉଡ଼ ନଦୀପାର ହୋଇଥିଲା। ଗାଈ ଆସି ସିଦ୍ଧେଶ୍ୱରଙ୍କ ଲିଙ୍ଗରେ ଠିଆହୋଇ କ୍ଷୀର ଦେଇଥିଲା। ଗଉଡ଼ ଦେଖି ଗାଈକୁ ବାଉଁଶଠେଙ୍ଗାରେ ମାଡ଼ ମାରିଥିଲା। ଗାଈ ଦୌଡ଼ି ପଳାଇବା ବେଳେ ଶିବଲିଙ୍ଗ ଉପରେ ଖୁରାପଡିଗଲା। ସେହି ଦିନଠାରୁ ଶିବଲିଙ୍ଗ ଉପରେ ଖୁରାଚିହ୍ନ ରହିଛି। ତେବେ ଏଠାରେ କିଏ ମନ୍ଦିର ନିର୍ମାଣ କରିଥିଲେ ଇତିହାସ ନିରବ।

# ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ୍ୟ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ୍ୟ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।



ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

# ବିବାହ ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ କଥା

ହସ୍ତରେଖା ବିଷେଶଜ୍ଞଙ୍କ ମତରେ ଯେଉଁମାନଙ୍କର ହସ୍ତରେ ଶୁକ୍ର, ବୃହସ୍ପତି, ମଙ୍ଗଳ ଆଦିଙ୍କ ସ୍ଥାନ ଖୁବ ପ୍ରଭାବିତ ରହିଥାଆନ୍ତି । ସେମାନେ ପ୍ରେମ ବିବାହ କରିବାର ସମ୍ଭାବନା ଅଧିକ ରହିଥାଏ।

ଆମ ହସ୍ତରେ ଥିବା ରେଖାମାନଙ୍କ ଠାରୁ ଏହା ମଧ୍ୟ ଜାଣିହୋଇଥାଏ ଯେ, ଯଦି ଆପଣଙ୍କ ଅନ୍ୟ ରେଖା ତୁଳନାରେ ବିବାହ ରେଖା ଖୁବ ସାନ କିମ୍ବା ବଡ଼ ଥାଏ, ତେବେ ଆପଣଙ୍କ ବିବାହ ଘରର ନିକଟରେ ହେବାର ସମ୍ଭାବନା ଥାଏ।

ଯଦି ଆପଣଙ୍କ ହସ୍ତରେ ବୃହସ୍ପତି ରେଖା ଶନିଙ୍କ ଆଡ଼କୁ ଢଳି ରହେ, ତେବେ ଜାଣନ୍ତୁ ଆପଣଙ୍କ ବିବାହ ବିଳମ୍ବରେ ହେବ।

ହସ୍ତରେ ଥିବା ବୁଧ ପର୍ବତ ରେଖାରୁ ମଧ୍ୟ ବ୍ୟକ୍ତିଙ୍କର ପ୍ରେମ ବିବାହ ହେବ ବୋଲି ଜଣାପଡ଼ିଥାଏ। ହସ୍ତରେ ବୃହସ୍ପତି ଓ ଶୁକ୍ରଙ୍କର ସ୍ଥିତିରୁ ମଧ୍ୟ ଆପଣଙ୍କ ସାଥିର ଗୁଣ ବିଷୟରେ ଜାଣି ହୋଇଥାଏ। ଯେଉଁମାନଙ୍କ ବୃହସ୍ପତି ରେଖା ହୃଦୟ ରେଖା ଠାରୁ ଦୂରରେ ରହେ, ସେମାନଙ୍କର ବିବାହ ମଧ୍ୟ ବିଳମ୍ବରେ ହୋଇଥାଏ।



ଯେବେ ବିବାହ ପାଇଁ ଆପଣଙ୍କୁ ଦେଖିବା ପାଇଁ ଲୋକେ ଆସନ୍ତି, ସେହି ସମୟରେ ଆପଣଙ୍କ ମୁଖକୁ ଉତ୍ତର ଦିଗ ଆଡ଼କୁ କରି ବସନ୍ତୁ।

ବିବାହ ଯୋଗ୍ୟ ଯୁବକ-ଯୁବତୀଙ୍କ କକ୍ଷରେ ସୁନ୍ଦର ସୁନ୍ଦର ଫଟୋ ଲଗାନ୍ତୁ। ମାତ୍ର କାନ୍ଦୁଥିବା ପିଲାମାନଙ୍କ ଫଟୋ ଲଗାନ୍ତୁ ନାହିଁ।

ଯଦି ଆପଣ ପ୍ରେମବିବାହ କରୁଛନ୍ତି ଓ ଆପଣଙ୍କୁ ଦୁଃସ୍ୱପ୍ନ ଆସୁଛି ତେବେ ନିଜ ତକିଆ ତଳେ ହାତର ଆଙ୍ଗୁଠିରେ 'ଓଁ' ଲେଖନ୍ତୁ।

ଘରର ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାନ୍ତୁ ନାହିଁ। କାରଣ ମୁଖ୍ୟ ଦ୍ୱାରରେ ଦର୍ପଣ ଲଗାଇବା ଦ୍ୱାରା ବିବାହରେ ସମସ୍ୟା ସୃଷ୍ଟି ହୋଇଥାଏ। ବିବାହ ପାଇଁ ଆପଣଙ୍କୁ ଦେଖିବାକୁ ଆସୁଥିବା ଅତିଥିଙ୍କୁ ଗୃହରେ ସର୍ବଦା ପଶ୍ଚିମ ଦିଗରେ ବସାନ୍ତୁ।

ଯଦି ଘରର ମୁଖ୍ୟ ଦ୍ୱାର ସମ୍ମୁଖରେ କିଛି ଖୁମ୍ବ, ବୃକ୍ଷ, ଖୋଲା ହୋଇଥିବା ନଳା ଥାଏ ତେବେ ମଧ୍ୟ ବିବାହ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏହି କାରଣରୁ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।



ନଗରନକ୍ସା
ମହାନଗରର ନିଜ ଭାଷା





# ନିର୍ମାଣ ବିଭାଗ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା



ଭୁବନେଶ୍ୱର, ୨୬।୫ (ମହାଭାରତ): ନିର୍ମାଣ କ୍ଷେତ୍ରରେ କାର୍ଯ୍ୟର ଗୁଣବତାକୁ ଗୁରୁତ୍ୱ ଦେବା ସହ ସମୟ ଅବଧି ମଧ୍ୟରେ କାର୍ଯ୍ୟ ପରିସମାପ୍ତି କାର୍ଯ୍ୟର ସଫଳତାକୁ ସୂଚାଇ ଥାଏ । ତେଣୁ ଇଂଜିନିୟରମାନେ ପ୍ରତ୍ୟେକ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ପ୍ରଦର୍ଶିତ କରିବା ଭଳି କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ୍ ପରିସରରେ ନିର୍ମାଣ ବିଭାଗର ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନିର୍ମାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପୁରୀ ଐତିହ୍ୟ ପ୍ରକଳ୍ପଠାରୁ ଆରମ୍ଭ କରି ଏସ୍‌ସିବିର କ୍ଲିନିକାଲ୍ ଓ ରେସିଡେନ୍‌ସିଆଲ୍ କମ୍ପ୍ଲେକ୍ସ, ମହିମା ଗାଦି ମନ୍ଦିର ପ୍ରକଳ୍ପ, ବ୍ରାହ୍ମଣୀ ଓ ବୈତରଣୀ, ମହାନଦୀରେ ହାଇଲେବୁଲ୍ ସେତୁ ନିର୍ମାଣ ଆଦି ପ୍ରକଳ୍ପ ରାଜ୍ୟ ବିକାଶର ଗୋଟିଏ ଗୋଟିଏ ବୃହତ୍ ଅଙ୍ଗ ସଦୃଶ। ଏହାର ସଫଳ ପରିସମାପ୍ତି କେବଳ ସରକାରଙ୍କ ପାଇଁ ନୁହେଁ, ବରଂ ରାଜ୍ୟବାସୀଙ୍କ ପାଇଁ ବଡ଼ ଉପଲବ୍ଧି । ତେଣୁ ଏହିସବୁ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ । ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ହେଉ କିମ୍ବା ଠିକା ସଂସ୍ଥା ଦ୍ୱାରା ଅଯଥା ବିଳମ୍ବ ହେବା ନେଇ ସମସ୍ତ ଅଭିଯୋଗ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ଏହି କ୍ରମରେ ଏସ୍‌ସିବିର କ୍ଲିନିକାଲ୍ ଓ ରେସିଡେନ୍‌ସିଆଲ୍ କମ୍ପ୍ଲେକ୍ସ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାକୁ କାର୍ଯ୍ୟରେ ବିଳମ୍ବ ପାଇଁ ଚେତାବନୀ ଦିଆଯିବା ସହ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ନହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି ।

ଆଜିର ବୈଠକରେ ପୁରୀ ବାସେଳି ସାହି ଧର୍ମଶାଳାର ନିର୍ମାଣ, ଦିଗବାରେଣୀ ଓ ସମଙ୍ଗ ପାର୍କିଂ, ରେଭେନ୍ସା ବାଳିକା ହଷ୍ଟେଲ ନିର୍ମାଣ, ଭୁବନେଶ୍ୱରସ୍ଥିତ ବିଧାୟକ କୋଠା, ଟାଇପ୍-୪, ଟାଇପ୍-୨ ଆବାସିକ କମ୍ପ୍ଲେକ୍ସ, ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ, ସାରଳା ମନ୍ଦିର ଉନ୍ନୟନ ପ୍ରକଳ୍ପ, ମହିମା ମନ୍ଦିର ଉନ୍ନୟନ ପ୍ରକଳ୍ପ, ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ସମେତ ନିର୍ମାଣ ବିଭାଗ ଅଧୀନରେ ଥିବା ୧୦ଟି ରାସ୍ତା, ୯ଟି ସେତୁ, ୮ଟି ବିଲ୍‌ଡିଂ ସମେତ ଓବିସିସିର ୨୦ଟି ପ୍ରକଳ୍ପ ନିର୍ମାଣର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ବୈଠକରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ଓ୍ୱାମିସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍‌ଲାଇନ୍ ଆପ୍ଲିକେସନ୍ ର ସଦୁପଯୋଗ ସହ ବିଭିନ୍ନ ବିଭାଗ ସହ ଆବଶ୍ୟକ ସମନ୍ୱୟ ରକ୍ଷାକରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ଉପରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ଡିଜାଇନ୍, ପ୍ଲାନିଂ, କୋଅର୍ଡିନେସନ୍) ଇଂ ସମୀର ହୋତା, ଇଆଇସି (ରୋଡସ୍) ଇଂ ଧାନଚାନ୍ଦ ନାୟକ, ଉପଦେଷ୍ଟା ଜେ.କେ. ଦାସ, ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ଦୀପ୍ତିରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ଜୋନ୍ ର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ।

# ରାଜ୍ୟରେ ଦେଖାଦେଇଛି ବିଜୁଳି ସଙ୍କଟ

ଭୁବନେଶ୍ୱର, ୨୬।୫ (ମହାଭାରତ): ସରକାରଙ୍କ ଅପରିଣାମଦର୍ଶିତା ଏବଂ ଦୂରଦର୍ଶିତା ଅଭାବ ଯୋଗୁଁ ମେ ମାସର ପ୍ରଚଣ୍ଡ ଗରମରେ ରାଜ୍ୟବାସୀଙ୍କୁ ଘୋର ହଇରାଣ ହେବାକୁ ପଡୁଛି। ଯଦି ସରକାର ପୂର୍ବରୁ ବିଜୁଳି ଉତ୍ପାଦନ ଓ ବଂଟନର ସମୀକ୍ଷା କରି ଆଗୁଆ ପଦକ୍ଷେପ ନେଇଥାନ୍ତେ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପୂର୍ବତନମନ୍ତ୍ରୀ ପଂଚାନନ କାନୁନଗୋ କହିଛନ୍ତି।

ଶ୍ରୀ କାନୁନ୍‌ଗୋ ରାଜ୍ୟର ଅଘୋଷିତ ବିଜୁଳିକାଟର ହିସାବ ଦେଇ କହିଲେ ମାର୍ଚ୍ଚରେ ୨୪ ଘଂଟା, ଅପ୍ରେଲରେ ୩୪ ଘଂଟା ଏବଂ ୨୦ ତାରିଖ ସୁଧା ମେ ରେ ୪୧ ଘଂଟା ବିଦ୍ୟୁତକାଟ ହୋଇଛି । ଏ ସବୁ ବିଜୁଳି ବିଭ୍ରାଟ କାରଣ ହେଉଛି ଅତିରିକ୍ତ ବିଜୁଳି ଲୋଡ ଯାହା ତଳ ସ୍ତର ଟ୍ରାନ୍ସଫରମର ଫେଲୁଅର ରୁ ଗ୍ରିଡ୍ ଫେଲୁଅର ପର୍ଯ୍ୟନ୍ତ ଘଟୁଛି । ପ୍ରବଳ ଗରମରେ ବିଜୁଳିକାଟ ଯୋଗୁ ଏସି, ଫ୍ୟାନ, କୁଲର ବନ୍ଦ ହୋଇ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଓ ଲୋକଙ୍କ କଥା ଶୁଣିବାକୁ କେହି ନାହାନ୍ତି । ଫଳରେ ସାଧାରଣ ଜନତା ଦଳବଦ୍ଧ ହୋଇ ବିଜୁଳି କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ କରି ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଛି । ଏ ସମସ୍ତ ବିଭ୍ରାଟର ସମାଧାନ ପାଇଁ





ବିଜୁଳି ବିଭାଗ ବିଜୁଳି ଅଡିଟ୍ କରିବା ନେତାଙ୍କ ଜରୁରୀ । ସେହିପରି ପୂର୍ବତନମନ୍ତ୍ରୀ ଦେବାଶିଷ ନାୟକ କହିଲେ ବିଜେପି ସରକାର ଆସିବା ପର ଠାରୁ ଘୋର ବିଜୁଳି ସଙ୍କଟ ଦେଖାଯାଉଛି କାହିଁକି ବର୍ତମାନ ଜାଣି ସାରିଲେଣି । ଟାଟା ପାୱାର ଓ ସରକାରଙ୍କ ମଧୁଚନ୍ଦ୍ରିକା ବର୍ତମାନ ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଛି । କୌଣସି ବିଭାଗ ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରିପାରୁନାହାନ୍ତି । ସରକାର ସମସ୍ତ ବିଷୟରେ ଆଗୁଆ ପଦକ୍ଷେପ ଗ୍ରହଣ କଲେ ଏଭଳି ଜନଅସନ୍ତୋଷ ବ୍ୟାପନ୍ତା ନାହିଁ । ଉପସ୍ଥିତ ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ କହିଲେ ସରକାର ଓ ଟାଟା ପାୱାର ବିଭିନ୍ନ ଶିଳ୍ପ ସଂସ୍ଥାକୁ ବିଜୁଳି ଯୋଗାଣ କରିବାରେ କୌଣସି ସୃଷ୍ଟି ହେଉନାହିଁ । ଟାଟା ମାଇନ୍ସକୁ ଅନବରତ ବିଜୁଳି ଯୋଗାଣ ଚାଲିଛି । ସେଥିରେ ମଧ କୌଣସି ସମସ୍ୟା ନାହିଁ । ଏହା ସହିତ ଭିଭିଆଇପି ଅଂଚଳ ମାନଙ୍କୁ ମଧ ବିଜୁଳି ଯୋଗାଣ ବରାବର ରହୁଛି ।

# ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତନ

ଭୁବନେଶ୍ୱର, ୨୬।୫ (ମହାଭାରତ): ଖୋର୍ଦ୍ଧା ରୋଡ଼ ଡିଭିଜନରେ ଅତ୍ୟାବଶ୍ୟକ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ମେମୁ ଟ୍ରେନ୍ ଚଳାଚଳରେ ସାମୟିକ ପରିବର୍ତନ ଘୋଷଣା କରାଯାଇଛି।





ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ସ୍ୱରୂପ, ନିମ୍ନଲିଖିତ ଟ୍ରେନ ସେବାଗୁଡ଼ିକ ନିର୍ଦ୍ଧାରିତ ତାରିଖରେ ଖଲ୍ଲିକୋଟ ରେଳ ଷ୍ଟେସନ ପର୍ଯ୍ୟନ୍ତ ଚାଲିବ (ଆଂଶିକ ବାତିଲ ହେବ) ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ:

ଟ୍ରେନ୍ ନଂ ୬୮୪୧୯ ଭୁବନେଶ୍ୱର – ପଲାସା ମେମୁ ଆସନ୍ତା ୨୪ ମଇ ତାରିଖରେ ଖଲ୍ଲିକୋଟ ଷ୍ଟେସନରେ ଯାତ୍ରା ସମାପ୍ତ କରିବ। ଟ୍ରେନ୍ ନଂ ୬୮୪୨୦ ପଲାସା – ଭୁବନେଶ୍ୱର ମେମୁ ୨୨ ଏବଂ ୨୫ ମଇ ତାରିଖରେ ପଲାସା ପରିବର୍ତେ ଖଲ୍ଲିକୋଟରୁ ଯାତ୍ରା ଆରମ୍ଭ କରିବ ।ଟ୍ରେନ୍ ନଂ ୬୮୪୧୧/୬୮୪୧୨ ଭୁବନେଶ୍ୱର – ବ୍ରହ୍ମପୁର – ଭୁବନେଶ୍ୱର ମେମୁ ଟ୍ରେନ୍ ୨୩, ୨୭ ଓ ୩୦ ମଇ ତାରିଖରେ ଖଲ୍ଲିକୋଟ ଷ୍ଟେସନପର୍ଯ୍ୟନ୍ତ ଚାଲିବ ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ। ସେହିପରି ଟ୍ରେନ୍ ନଂ ୬୮୪୩୮/୬୮୪୩୭ କଟକ – ଭଦ୍ରକ – କଟକ ମେମୁ ଟ୍ରେନ୍ ସେବା ଆସନ୍ତା ୨୬, ୨୭ ଏବଂ ୨୮ ମଇ ୨୦୨୬ ଏବଂ ୨, ୩, ୪, ୯, ୧୦, ୧୧ ଓ ୧୬ ଜୁନ୍ ତାରିଖରେ ବାତିଲ୍ ରହିବ। ଟ୍ରେନ୍ ନଂ ୬୮୪୨୪/୬୮୪୨୩ କଟକ – ଭଦ୍ରକ – କଟକ ମେମୁ ଟ୍ରେନ୍ ସେବା ଆସନ୍ତା ୨୭ ଏବଂ ୨୮ ମଇ ୨୦୨୬ ଏବଂ ୩, ୪, ୧୦ ଓ ୧୧ ଜୁନ୍ ତାରିଖରେ ବାତିଲ୍ ରହିବ।

ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବା ସମୟରେ ଯାତ୍ରୀମାନଙ୍କୁ ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଏବଂ ରେଳ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି। ଟ୍ରେନର ସଦ୍ୟତମ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

# ଶିଳ୍ପ ସମନ୍ୱୟ ପାଇଁ କିଟ୍ ଓ ସୋୱାଟେକ ବୁଝାମଣା

ଭୁବନେଶ୍ୱର, ୨୬।୫ (ମହାଭାରତ): ପ୍ରତିଭା ବିକାଶ, ନବସର୍ଜନା ଏବଂ ବୈଶ୍ୱିକ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରି ଶିଳ୍ପ ସମନ୍ୱୟ ପାଇଁ କିଟ୍ ଏବଂ ତାମିଲନାଡୁର ଏବିଆଇ ସୋୱାଟେକ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରତିଭା ବିକାଶ, ଗବେଷଣା, ଛାତ୍ର ସଂପୃକ୍ତି ଏବଂ ନବସର୍ଜନା-ଚାଳିତ ପଦକ୍ଷେପ ମାଧ୍ୟମରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ସହଯୋଗୀ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଦୀର୍ଘକାଳୀନ ସହଯୋଗ ପାଇଁ ଏହି ସଂରଚିତ ଢାଞ୍ଚା ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ଆନୁଷ୍ଠାନିକ ରୂପ ଦିଆଯିବାର ଆଶା କରାଯାଉଛି।

ଏହି ବୁଝାମଣା ଅନୁସାରେ ପ୍ରଥମ ପର୍ଯ୍ୟାୟରେ କିଟ୍‌ର ୪୦ ଜଣ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀ ଟିଭିଏସ୍ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି ଛାତ୍ରମାନେ ଶିଳ୍ପ ସଂସ୍ଥାରେ କାମ କରିବାର ଅଭିଜ୍ଞତା ହାସଲ କରିବା ସହ ଏବିଆଇର ପୁଲିଭାଲମ୍ ଉତ୍ପାଦନ କେନ୍ଦ୍ରରେ ଇଣ୍ଟର୍ନସିପ୍ କରିବା ସହ ସେଠାରେ ନିଯୁକ୍ତି ପାଇବେ। ପରେ ସେମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ଟିଭିଏସ୍ କମ୍ପାନୀର ପ୍ରକଳ୍ପରେ ଅବସ୍ଥାପିତ କରାଯିବ। ଇଣ୍ଟର୍ନସିପ ସମୟରେ ରହିବା, ଖାଇବା ସୁବିଧା ସହ ମାସିକ ୨୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି। ଏବିଆଇ ସୋୱାଟେକ୍ (ଇଣ୍ଡିଆ) ଲିମିଟେଡ୍ ଟିଭିଏସ୍ ଗ୍ରୁପ୍‌ର ସହ ଜଡ଼ିତ ଏକ ଅଂଶୀଦାର କମ୍ପାନୀ। ଏହା ପ୍ରିସିସନ୍ ଏବଂ ଇନ୍‌ଭେଷ୍ଟମେଣ୍ଟ କାଷ୍ଟିଂର ଏକ ବିଶେଷଜ୍ଞ ନିର୍ମାତା। ଏହା ମଧ ଟିଏସ୍ ସନାଥନମ ଗ୍ରୁପ୍ ଅଫ୍ କଂପାନୀଜ୍ ସହିତ ଜଡିତ। ଏହି ବୁଝାମଣା ଫଳରେ ଗବେଷଣା କ୍ଷେତ୍ରରେ ତିନୋଟି ମିଳିତ ପ୍ରସ୍ତାବ ବର୍ତ୍ତମାନ ମୂଲ୍ୟାଙ୍କନସ୍ତରରେ ଅଛି। ମନୋନୀତ ପ୍ରକଳ୍ପଗୁଡ଼ିକ ଉପରେ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି



କିଟ୍ ସର୍ବଦା ପ୍ଲେସ୍‌ମେଣ୍ଟ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛି। ଯାହା ଫଳରେ ଭାରତୀୟ ଓ ବହୁଦେଶୀୟ କମ୍ପାନୀମାନେ କିଟ୍‌ରୁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରି ପ୍ଲେସ୍‌ମେଣ୍ଟ ଦେଇଥାନ୍ତି। ଏହି ବୁଝାମଣା ଉତ୍ପାଦନ ପ୍ରକ୍ରିୟା, ସାମଗ୍ରୀ ଇଞ୍ଜିନିୟରିଂ ଏବଂ ଯୋଗାଣ ଶୃଙ୍ଖଳା ନବସର୍ଜନାର ଅପ୍‌ଟିମାଇଜେସନ୍ ଉପରେ କେନ୍ଦ୍ରିତ ପ୍ରୟୋଗିକ ଗବେଷଣାକୁ ପ୍ରାଥମିକତା ଦେବା ଏହି ସହଯୋଗର ପ୍ରାଥମିକ ଉଦ୍ଦେଶ୍ୟ ହେବ। ଏହି ସହଭାଗିତା ଘନିଷ୍ଠ ଶିଳ୍ପ ସଂଯୋଗ ସ୍ଥାପନ କରି ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ସହ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରି ଉଭୟ ପ୍ରତିଷ୍ଠାନକୁ ଲାଭବାନ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, ଏବିଆଇ ସୋୱାଟେକ୍ ଚେୟାରମ୍ୟାନ୍, ଆର ରାମାନୁଜାମ, ଡିନ୍ ଡ. ପିସି ମିଶ୍ର, ନିର୍ଦ୍ଦେଶକ ଡ ବେଣୁଗୋପାଲ ମହାପାତ୍ର, ଏବିଆଇର ସିଏଫ୍‌ଓ ଟି ଟି ହତଗ୍ରାବିନ୍, ଏବିଇର ପରାମର୍ଶଦାତା ଡ ଦେବାଶିଷ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା

ଭୁବନେଶ୍ୱର, ୨୬।୫ (ମହାଭାରତ): ଲୋକ ସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ପାନୀୟ ଜଳ ସମ୍ବନ୍ଧିତ ବିଭିନ୍ନ ସମସାମୟିକ ବିଷୟ ଉପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ। ଏହା ପୂର୍ବରୁ ରାଜ୍ୟର ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ପାନୀୟ ଜଳ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜଙ୍କ ସହ ଏକ ବିସ୍ତୃତ ସମୀକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା।



ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ସରକାର ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଂଚାଇବାକୁ ପ୍ରତିବଦ୍ଧ ଏବଂ ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଯାହା ମାଧ୍ୟମରେ ମୋଟ ୨୪୦୨ଟି ଗ୍ରାମକୁ ପାଇପ୍ ଜଳ ସୁବିଧା ଯୋଗାଇ ଦିଆଯାଇଛି।ଅନ୍ୟ ୧୪ଟି ପ୍ରକଳ୍ପ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି, ଯାହା ମାଧ୍ୟମରେ ଆହୁରି ୧୩୩୧ଟି ଗ୍ରାମ ଉପକୃତ ହେବ। ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଆଂଶିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ, ସେଥିରୁ ୩୨୧୦ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ କରାଯାଉଛି। ଏପର୍ଯ୍ୟନ୍ତ ୧୮୫୫୨ଟି ସିଙ୍ଗଲ୍ ଭିଲେଜ୍ ସ୍କିମ୍ ସମ୍ପୂର୍ଣ୍ଣ ହୋଇ ସୁରକ୍ଷିତ ପାନୀୟ ଜଳ ଯୋଗାଣ କରୁଛି। ମୋଟ ୬୩୬୯ଟି ସୋଲାର ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର କରିବା ପାଇଁ ୩୭୮୭୬ଟି ଟ୍ୟୁବୱେଲକୁ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ମଧ ଜଳ ସଂକଟପ୍ରବଣ ଅଂଚଳଗୁଡ଼ିକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ୬୨୯ଟି ଟ୍ୟାଙ୍କର୍ ନିଯୁକ୍ତ କରାଯାଇଛି ।ବିଭିନ୍ନ ଗ୍ରାମାଂଚଳରେ ମୋଟ ୮୨୮୧ଟି ଜଳଛତ୍ର ଖୋଲାଯାଇଛି।

ସମୁଦାୟ ଭାବେ ଏପର୍ଯ୍ୟନ୍ତ ୨୦୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଅଧୀନରେ ଆଣାଯାଇଛି। ଏହା ସହିତ, ୭୦୪୨ଟି ଗ୍ରାମରେ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି।

# ଭାରତ ନେଟ୍ ପରିଯୋଜନା ଫେଜ୍-୩ ପ୍ରଗତି ସମୀକ୍ଷା

ଭୁବନେଶ୍ୱର, ୨୬।୫ (ମହାଭାରତ): ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭାରତ ସଂଚାର ନିଗମ ଲିମିଟେଡ଼ (ବିଏସଏନଏଲ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧକ୍ଷତା କରି 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ ର ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ସଂକଳ୍ପକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ । ହାଇସ୍ପିଡ ଇଂଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଡ଼. ମହାଲିଙ୍ଗ ଏହି ସମୀକ୍ଷା ଅବସରରେ କହିଥିଲେ ।

ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୪୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଂଚାୟତକୁ ଯୋଡି ପଂଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଂଚାୟତରୁ ଘରକୁ ଘର ସଂଯୋଗ କରାଯିବ । ଏହି ଯୋଜନା ପାଇଁ ଆବେଦନ କଲାପରେ ଆବେଦନକାରୀଙ୍କୁ ଅପ୍ଟିକାଲ ଫାଇବର ସଂଯୋଗୀକରଣ ଦିଆଯିବ । ଏଥିରେ ଆବେଦନକାରୀଙ୍କୁ ଟେଲିଫୋନ ଏବଂ ବ୍ରୋଡବ୍ୟାଣ୍ଡ ଯୋଗାଇ ଦିଆଯିବ । ଏହା ଫଳରେ ଗ୍ରାମୀଣ ଓଡିଶା କୁ ନିରବିଚ୍ଛିନ ଇଂଟରନେଟ୍ ସେବା ଭିତିଭୂମିକୁ ଆହୁରି ସୁଦୃଢ଼ କରାଯିବ ଏବଂ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ ରେ ଏହାକୁ ଶେଷ କରାଯିବାକୁ ଲକ୍ଷ ରଖାଯାଇଛି । ଏହି ବୈଠକରେ ବିଏସଏନଏଲ ବୋର୍ଡର ନିର୍ଦ୍ଦେଶକ (ଏଂଟରପ୍ରାଇଜେସ୍) ପାପା ସୁଧାକର ରାଓ, ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ପ୍ରବନ୍ଧକ ଶ୍ରୀ ଡି.କେ. ବେହେରା ଏବଂ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଂଚ ଅଭିଯାନ



ଭୁବନେଶ୍ୱର, ୨୬।୫ (ମହାଭାରତ): ବୈଧ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ଏହାର ଅଧିକାର କ୍ଷେତ୍ରରେ ଏକ ବ୍ୟାପକ ଟିକେଟ୍ ଯାଂଚ ଅଭିଯାନ ଚାଳନା କରାଯାଇଥିଲା। ଏହି ବ୍ୟାପକ ଟିକେଟ୍ ଯାଂଚ ଅଭିଯାନ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀ, ଟିକେଟ୍ ଯାଂଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ସମନ୍ୱୟରେ ଗଠିତ ଦଳ ଦ୍ୱାରା ବିଭିନ୍ନ ଟ୍ରେନରେ ପୁଙ୍ଖାନୁପୁଙ୍ଖ ଯାଂଚ କରାଯାଇଥିଲା। ଏହି ଅଭିଯାନର ଫଳସ୍ୱରୂପ ବିନା ଟିକେଟ୍/ ଅନିୟମିତ ଯାତ୍ରାର ମୋଟ ୩,୭୯୮ଟି ମାମଲା ଚିହ୍ନଟ ହୋଇଥିଲା। ଏହି ପରିପ୍ରେକ୍ଷୀରେ, ସମସ୍ତ ଯାତ୍ରୀଙ୍କୁ ବୈଧ ଟିକେଟ୍ ସହ ଯାତ୍ରା କରିବା ଏବଂ ରେଳବାଇ ନିୟମାବଳୀ କଡାକଡିଭାବେ ପାଳନ କରି ସୁରକ୍ଷିତ, ଶୃଙ୍ଖଳିତ ଓ ଅସୁବିଧାମୁକ୍ତ ଯାତ୍ରା ପରିବେଶ ରକ୍ଷାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କର

ଭୁବନେଶ୍ୱର, ୨୬।୫ (ମହାଭାରତ): ରାଜ୍ୟରେ ଆହୁରି ତ୍ୱରାନ୍ୱିତ ହେବ ଶିଳ୍ପ ଅଭିବୃଦ୍ଧି। ଇଣ୍ଡଷ୍ଟ୍ରିଆଲ୍ ପ୍ରମୋସନ ଆଣ୍ଡ ଇନଭେଷ୍ଟମେଂଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ୍)ର ସମୀକ୍ଷା ବୈଠକରେ ପୁଞ୍ଜିନିବେଶ ପ୍ରସ୍ତାବଗୁଡିକର ବାସ୍ତବ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସମସ୍ତ ବିଭାଗୀୟ ନୋଡାଲ ଅଧିକାରୀଙ୍କୁ ଉଦ୍ୟୋଗୀ ମନୋଭାବ ଗ୍ରହଣ କରିବା ସହ ଶିଳ୍ପଗୁଡ଼ିକର ସହଜ କାର୍ଯ୍ୟକାରିତା ପାଇଁ ଅଧିକ ସକ୍ରିୟ ଭାବେ ସହାୟତା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।





ବୈଠକରେ ମନ୍ତ୍ରୀଚାଲୁ ରହିଥିବା ଶିଳ୍ପଭିତିକ କାର୍ଯ୍ୟକଳାପର ଅଗ୍ରଗତି, ପ୍ରକଳ୍ପ ଗୁଡିକର କ୍ଷେତ୍ରସ୍ତରୀୟ ସ୍ଥିତି ଏବଂ ଆଗାମୀ ଦିନରେ ହେବାକୁ ଥିବା ନିବେଶ ରୋଡ୍ ଶୋ' ନେଇ ସମୀକ୍ଷା କରିଥିଲେ। ଏହାସହ ରାଜ୍ୟରେ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ' ବ୍ୟବସ୍ଥାରେ ସୁଧାର ଏବଂ ଶିଳ୍ପଗୁଡ଼ିକୁ ସାହାଯ୍ୟ କରିବା ପାଇଁ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ଡିଜିଟାଲ୍ ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶାକୁ ସାରା ବିଶ୍ୱରେ ଅଗ୍ରଣୀ ପୁଞ୍ଜିନିବେଶ ସ୍ଥଳ ଭାବେ ପ୍ରତିଷ୍ଠିତ କରିବା ଉପରେ ବୈଠକରେ ଜୋର ଦେଇଛନ୍ତି ମନ୍ତ୍ରୀ। ଏଥିପାଇଁ ତଥ୍ୟ-ଆଧାରିତ ନିବେଶକ ଚୟନ, ଜିଲ୍ଲାସ୍ତରୀୟ ସଂସ୍ଥାଗୁଡ଼ିକ ମାଧ୍ୟମରେ ପ୍ରକଳ୍ପ ଅନୁଧାନ ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ୍ ର ପରିଚାଳନା ନିର୍ଦ୍ଦେଶକ ତଥା ଶିଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଆବୋଲି ନରଭଣେଙ୍କ ସମେତ ଇପିକଲ୍ ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୁପ୍ତ ବିଦେଶ ଗସ୍ତ

ପେଟ୍ରୋଲ ଓ ଡିଜେଲ ତଥା ରନ୍ଧନ ଗ୍ୟାସ ବା ଏଲପିଜି ବ୍ୟବହାର ହ୍ରାସ କରିବା, କାଇବା ତେଲ ବ୍ୟବହାର ୧୦% କମାଇବା ଏବଂ ରାସାୟନିକୀରେ ପରିବର୍ତ୍ତେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ସହିତ ବର୍ଷକ ପାଇଁ ସୁନା କିଣିବା ବନ୍ଦ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏସବୁର ଉଦ୍ଦେଶ୍ୟ ହେଲା ଆମଦାନୀ ହ୍ରାସ କରିବା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଏବଂ ,ଲପିଜି ଦର ଅତି ମାତ୍ରାରେ ବୃଦ୍ଧି ପାଇଛି। ଏହାର ଆମଦାନୀ ବାବଦରେ ଆମକୁ ବିପୁଳ ବୈଦେଶିକ ମୁଦ୍ରା ବା ଡଲାର ବ୍ୟୟ କରିବାକୁ ପଡୁଛି। ସାରଠାରୁ ଆରମ୍ଭ କରି ସୁନା ଏବଂ କାଇବା ତେଲ ଆମଦାନୀରେ ମଧ୍ୟ ଆମକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। କାରଣ ଭାରତରେ ଏହାର ଉତ୍ପାଦନ ଯଥେଷ୍ଟ ହେଉଥିଲେ ମଧ୍ୟ ଦେଢ଼ ଶହ କୋଟି ଲୋକଙ୍କ ଚାହିଦା ପୂରଣ ନିମନ୍ତେ ଏହା ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ମଧ୍ୟ ସମ୍ଭବ ନୁହେଁ। ତେଣୁ ଏହାର ବ୍ୟବହାରକୁ ହ୍ରାସ କରି ଆମେ କେବଳ ଏହାର ଆମଦାନୀକୁ ହ୍ରାସ କରିପାରିବା। ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇ ଅଧିକରୁ ଅଧିକ ସଂଖ୍ୟାରେ ଇଭି ବ୍ୟବହାର କରିବା ଏବଂ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥାର ସର୍ବାଧିକ ଉପଯୋଗ କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାର ଯଥାର୍ଥତା ରହିଛି ଏବଂ ଅନେକ ଏହାକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେବାର ୫ ଦିନ ପରେ ୫ ଦିନିଆ ବିଦେଶ ଗସ୍ତରେ ଚାଲିଗଲେ। ଏହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ଅନ୍ୟମାନଙ୍କୁ ବିଦେଶ ଗସ୍ତରେ ନଯିବା ପାଇଁ ପରାମର୍ଶ ଦେଦଇ ନିଜେ କିପରି ବିଦେଶ ଚାଲିଗଲେ ବୋଲି ନିନ୍ଦୁକମାନେ ପ୍ରଶ୍ନ କରିଛନ୍ତି। ସେମାନେ ହୁଏତ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶର ଅର୍ଥ ବୁଝି ନାହାଁନ୍ତି କିମ୍ବା ସବୁ ବୁଝି ଜାଣିଶୁଣି କେବଳ ମୋଦିଜୀଙ୍କୁ ନିନ୍ଦା କରିବା ନିମନ୍ତେ ଏଭଳି କଥା କହୁଛନ୍ତି। ଅଥବା ସେମାନଙ୍କର ସାଧାରଣ ଜ୍ଞାନ ନାହିଁ। ସେମାନେ ହୁଏତ ମୋଦିଜୀଙ୍କ ସଫଳତାରେ ଇର୍ଷାନ୍ୱିତ ହୋଇ ଏପରି କହୁଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବ୍ୟକ୍ତିଗତ ଭାବେ ନିହାତି ଜରୁରୀ ନଥିଲେ କେହି ବିଦେଶ ଗସ୍ତରେ ଯାଆନ୍ତୁ ନାହିଁ। ଏବେ ପ୍ରଧାନମନ୍ତ୍ରୀ ସରକାରୀ ଗସ୍ତରେ ବିଦେଶ ଯାଇଛନ୍ତି। ଏହା ତାଙ୍କର ବ୍ୟକ୍ତିଗତ ଗସ୍ତ ନୁହେଁ। ଏହି ଗସ୍ତରେ ସେ ଅନେକ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଆଲୋଚନା କରି ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି କରିବାରେ ସଫଳ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ୟୁଏଇ ସହିତ ଭାରତର ତୈଳ ଏବଂ ଏଲପିଜି ଚୁକ୍ତି। ବର୍ତ୍ତମାନ ପରିସ୍ଥିତି ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ତୈଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ଏବଂ ଅଧିକ ପେଟ୍ରୋଲିୟମ ସଂରକ୍ଷିତ ରଖିବାକୁ ୟୁଏଇ ଭାରତକୁ ଅଶୋଧିତ ତୈଳ ଯୋଗାଇବ। ପ୍ରଧାନମନ୍ତ୍ରୀ ୟୁଏଇ ଗସ୍ତରେ ଯାଇନଥିଲେ ଏହା କିପରି ସମ୍ଭବ ହୋଇଥାଆନ୍ତା ? ଅନେକ ମୋଦିଙ୍କୁ ବିଦେଶ ନୀତି ବିଫଳ ବୋଲସି କହୁଛନ୍ତି। କିନ୍ତୁ ମୋଦିଜୀ ୟୁରୋରେ ଯେପରି ଭାରତର ପ୍ରଭାବ ପ୍ରମାଣିତ କଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ବିମାନ ଭଡ଼ା ବଂଚାଇବାକୁ ଭାରତର ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉ ନାହାଁନ୍ତି ଏହି ବାର୍ତ୍ତା ବାହାରକୁ ଯିବା କ'ଣ ଉଚିତ ହେବ ? ଯେଉଁମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଦେଶ ଗସ୍ତ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ସମ୍ପର୍କରେ ନିରବ କାହିଁକି ? ରାହୁଲ କୌଣସି ପଦପଦବୀରେ ରହି ନାହାଁନ୍ତି। ଗତ ୨୨ ବର୍ଷ ଭିତରେ ସେ ବ୍ୟକ୍ତିଗତ ଭାବେ ୫୪ଥର ବିଦେଶ ଗସ୍ତରେ ଯାଇଛନ୍ତି। ତାଙ୍କର ଗୁପ୍ତ ବିଦେଶ ଗସ୍ତ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ସେଠାରେ ସେ କାହାକୁ ଭେଟିଲେ, କାହା ସହିତ କ'ଣ ଆଲୋଚନା କଲେ ସେ ସମ୍ପର୍କରେ କିଛି ବିବରଣୀ ନାହିଁ।

## ସଂସାର ଥିବା ଯେତେ ଦିନ......

॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥

"
ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ଷଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ଷଦ, ସଦସ୍ୟ ରାଜସ୍ୱ ପର୍ଷଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ ? କେତେ ଦମ ନେଇ କେତେ ବାଟ ଯାଇପାରିବ ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଲଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!

ଶିଖରପୁର ଉପରସାହି, କଟକ,

## ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲବୋପିକ୍ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲ୍ୟୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲ୍ୟୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା - ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡ଼ିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖୋଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

## 'ମା'ର ଏକ ବିଶ୍ଳେଷଣ

॥ ଅନୀତା ପଟ୍ଟନାୟକ ॥

ଡ଼ିଙ୍କିଂଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଉକ୍ତସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି ? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ି ପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଆପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଗ୍ଲୋବାଲ କମ୍ପ୍ୟୁଟର କୋଚିଙ୍ଗ ସେଣ୍ଟରର ଅପୂର୍ବ ସଫଳତା

ବାଲିପାଟଣା, (ମହାଭାରତ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ, ଏଥିରେ ସ୍ଥାନୀୟ ବାଲିପାଟଣା ସ୍ଥିତ ପ୍ରତିଷ୍ଠିତ କୋଚିଂ ଅନୁଷ୍ଠାନ 'ଗ୍ଲୋବାଲ କମ୍ପ୍ୟୁଟର ଆଣ୍ଡ କ୍ୟାରିୟର ଏକାଡେମୀ' ର ସଫଳତାର ଧ୍ୱଜା ଉଡ଼ିଛି। ଚଳିତ ବର୍ଷ ଅନୁଷ୍ଠାନର ଅଗ୍ରଣୀ ଛାତ୍ରଛାତ୍ରୀମାନେ ବାଣିଜ୍ୟ ଓ କଳା ବିଭାଗରେ ଅଭୂତପୂର୍ବ ସଫଳତା ହାସଲ କରି ସମଗ୍ର ଅଞ୍ଚଳ ତଥା ନିଜ ପରିବାର ଗୌରବ ବଢ଼ାଇଛନ୍ତି। କାର୍ତ୍ତିକେୟୀ ବେହେରା ମୋଟ ୫୨୪ ନମ୍ବର ରଖି ଏସ.ଏ. ମହାବିଦ୍ୟାଳୟର କଳା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି କଳାରେ ସାଗରିକା ବେହେରା ୫୧୮ ନମ୍ବର ରଖି ଦ୍ୱିତୀୟ ଟପ୍ପର ଓ ଶୁଭମ ପ୍ରଧାନ ୫୦୪ ନମ୍ବର ହାସଲ କରି ଉକ୍ତ ମହାବିଦ୍ୟାଳୟର ବାଣିଜ୍ୟରେ ଦ୍ୱିତୀୟ ଟପ୍ପର ଭାବେ ଗୌରବ ମଣ୍ଡିତ ହୋଇଛନ୍ତି। ସେହିଭଳି କୋଚିଂ ସେଣ୍ଟରର କଳା ବିଭାଗରେ ୭୨ରୁ ୭୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୩୦ ଜଣ ପ୍ରଥମ ଶ୍ରେଣୀରେ, ୨୦ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୨ ଜଣ ତୃତୀୟ ଶ୍ରେଣୀରେ ସଫଳ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୪୬ ରୁ ୪୬ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୭ ଜଣ ପ୍ରଥମ ଶ୍ରେଣୀରେ, ୨୦ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୯ ଜଣ ତୃତୀୟ ଶ୍ରେଣୀରେ ସଫଳ ହୋଇଛନ୍ତି।ଏହି କୋଚିଂ ସେଣ୍ଟରର ଶତପ୍ରତିଶତ ସଫଳତା ସଂଖ୍ୟା ବେଶ ଉତ୍ସାହଜନକ ରହିଛି, ଯାହା ଶିକ୍ଷାଦାନର ଉଚ୍ଚ ମାନକୁ ଦର୍ଶାଉଛି । ଛାତ୍ରଛାତ୍ରୀମାନଙ୍କର ଏହି ଗୌରବମୟ ସଫଳତା ପାଇଁ 'ଗ୍ଲୋବାଲ କମ୍ପ୍ୟୁଟର ଆଣ୍ଡ କ୍ୟାରିୟର ଏକାଡେମୀ'ର କର୍ତ୍ତୃପକ୍ଷ ତଥା ଅଭିଜ୍ଞ ଶିକ୍ଷକ ମଣ୍ଡଳୀଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ କଠିନ ପରିଶ୍ରମକୁ ଶ୍ରେୟ ଦିଆଯାଉଛି। ସେଣ୍ଟରର ଉପଯୁକ୍ତ ଶିକ୍ଷାଦାନ ପଦ୍ଧତି ଏବଂ ନିୟମିତ ପରୀକ୍ଷା ହିଁ ପିଲାମାନଙ୍କୁ ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଛି ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଉଛି।

## ଭାଙ୍ଗ କୁଲଫି ବିକ୍ରେତା ଗିରଫ

ପାରାଦୀପ, (ମହାଭାରତ): ପାରାଦୀପ ଅଂଚଳରେ ବେଆଇନ ଭାବେ ଭାଙ୍ଗ ଗଞ୍ଜେଇ ରଖିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ଜଣେ ବିକ୍ରେତାକୁ ଗିରଫ କରିବା ସହିତ ଭାଙ୍ଗ ମିଶ୍ରିତ କୁଲଫି ବିକ୍ରି କରୁଥିବା ଜଣେ ବିହାରୀ ବିକ୍ରେତାକୁ ଗିରଫ କରାଯାଇଥିବା ସୂଚନା ମିଳିଛି।



ଘଟଣାରୁ ପ୍ରକାଶଯେ, ପାରାଦୀପ ବଡପଡିଆ ବିଜୟା ମାର୍କେଟ ନିକଟରେ ଭାଙ୍ଗ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ମନୋରଂଜନ ବାରିକ(ମନ୍ନୁ) ନିକଟରୁ ପୋଲିସ ୫କିଲୋ ଭାଙ୍ଗ ଜବତ କରିଥିଲା । ସେହିପରି ଆରିଷ୍ଟୋକ୍ରାଟ ହୋଟେଲ ନିକଟରେ ଭାଙ୍ଗ ମିଶ୍ରିତ କୁଲଫି ଆଇସକ୍ରିମ୍ ବିକ୍ରି କରୁଥିବା ବିହାରୀ ବ୍ୟବସାୟୀ ସୌରଭ ସିଂହକୁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ସୌରଭ ନିକଟରୁ ୧୦ଟି ଭାଙ୍ଗ ମିଶ୍ରିତ କୁଲଫି ଆଇସକ୍ରିମ୍ ଜବତ କରୁଥିଲା । ସାଧାରଣ ଲୋକଙ୍କ ସମେତ ଯୁବପିଢ଼ିମାନଙ୍କୁ ସୌରଭ ଏହି ଭାଙ୍ଗ ମିଶ୍ରିତ କୁଲଫି ବିକ୍ରି କରୁଥିବା ଜଣା ପଡ଼ିଛି । ସୋମବାର ଦିନ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ପୋଲିସ ଆକ୍ରମଣ ମାମଲା ଯୁବ କଂଗ୍ରେସ ସଭାପତି ଗିରଫ

ହାଟଡିହି, (ମହାଭାରତ) : ହାଟଡିହି ବ୍ଲକ ନନ୍ଦିପଦା ଥାନା ଅଧୀନରେ ଥିବା ବିଭିନ୍ନ ବାଲି ଘାଟ କୁ ପୋଲିସ ବିଭିନ୍ନ ସମୟରେ ଘେରାଉ ସ୍ଥିତି ଦେଖିବାକୁ ଯିବା ବେଳେ ନନ୍ଦିପଦା ପୋଲିସକୁ ଆକ୍ରମଣ କରିଥିବା ମାମଲା ରେ ହାଟଡିହି ବ୍ଲକ ର ପୂର୍ବତନ ଯୁବ କଂଗ୍ରେସ ସଭାପତିଙ୍କୁ ବନ୍ଧିଆ ପୋଲିସ। ପୂର୍ବରୁ ତାଙ୍କୁ ପୋଲିସ ନଜର ରଖିଥିବା ବେଳେ ସୋମବାର ଦିନ ରାତି ରେ ତାଙ୍କୁ ଉଠାଇ ଆଣି ଥିଲା। ମଙ୍ଗଳ ବାର ନନ୍ଦିପଦା ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଏହି ପୋଲିସ କୁ ଆକ୍ରମଣ ମାମଲା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଅତିଶୀଘ୍ର ବାନ୍ଧିବ ବୋଲି ଆନନ୍ଦପୁର ଏସଡିପିଓ କମଳ ଲୋଚନ ପଣ୍ଡା କହିଛନ୍ତି।

## ବ୍ରହ୍ମଗିରିରେ ମଦର ବନ୍ୟା

ବ୍ରହ୍ମଗିରି, (ମହାଭାରତ) : ବ୍ରହ୍ମଗିରି ଓଡ଼ିଶାର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ ଅଟେ । ବାଲିହରଚଣ୍ଡି, ଅଲାରନାଥ,ସାତପଡ଼ା, ଭାଗବ୍ରଜେଶ୍ୱର ଆଦି ବୁଲିବା ଅନେକ ଦର୍ଶନୀୟ ସ୍ଥାନକୁ ବୁଲିବା ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ସବୁଠାରୁ ସମ୍ବେଦନଶୀଳ କଥା ହେଉଛି କି ଏହି ପର୍ଯ୍ୟଟନ ସ୍ଥଳୀ ପାଖରେ ମିଳୁଛି ମଦ। ସକାଳୁ ରାତି ପର୍ଯ୍ୟନ୍ତ ଯେତେବେଳେ ଯେକୌଣସି ସମୟରେ ଏଠାରେ ମିଳୁଛି ବିଭିନ୍ନ ନାମୀ, ଦାମୀ ଟଙ୍କାର ମଦ । ସରକାରୀ ସିକୃତିପ୍ରାପ୍ତ ମଦ ଦୋକାନ ନହେଲେ ମଧ୍ୟ ରାସ୍ତା କଡ଼ରେ ପାନ ଦୋକାନରେ ମିଳୁଛି ମଦ। ସନ୍ଧ୍ୟାବେଳେ ବଡବନ୍ଧକେରା ବ୍ରିଜ ଠାରୁ ବଡବନ୍ଧକେରା ରାସ୍ତା ଆଉ ସାନ ବନ୍ଧକେରା ରାସ୍ତାରେ ଏବଂ ଗୋପ ବିବେକାନନ୍ଦ ସ୍କୁଲ ପାଖରେ ରାସ୍ତା ଦାଡ଼ରେ ଦେଖିବାକୁ ମିଳୁଛି ମଦ୍ୟପ ମାନଙ୍କର କୁଳୁମ୍ । ରାସ୍ତାରେ ପାଠ ପଢ଼ି ଯାଉଥିବା ଛାତ୍ରୀଙ୍କୁ କମେଣ୍ଟ କରିବା ଏବଂ କିଛି ଲୋକମାନଙ୍କୁ ସାଇକେଲରୁ ଠେଲି ଦେବାକୁ ପଛାଉନାହାନ୍ତି ନିଶାଡି। କିନ୍ତୁ ପୋଲିସ କେବଳ ମାତ୍ର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଦୁଆ ମାନଙ୍କୁ ଚେକିଂ କରି ତାର କାମ ସାରି ଧୁଆମୁହଁ ହୋଇ ନିଜର ବାହାବାହା ନେଉଛି। ଜନବସତି ମଧ୍ୟରେ ହୋଇଥିବା ମଦ ଦୋକାନକୁ ବିରୋଧ କରିବା ପାଇଁ କିଛି ମହିଳା ଶକ୍ତି ରାଜ ରାସ୍ତାକୁ ଓହ୍ଲାଇବା ପାଇଁ ଅଣ୍ଟା ଭିଡିବା କଥା ଶୁଣିବାକୁ ମିଳିଛି।ତାଠାରେ ଯଦି ଉକ୍ତ ଜାଗା ଗୁଡ଼ିକୁ ପୋଲିସ ଠିକ୍ ଭାବରେ ପେଟ୍ରୋଲିଂ କରନ୍ତା ତେବେ କିଛି ଅଘଟଣ ହେବା ଆଗରୁ ବ୍ରହ୍ମଗିରି ସୁରକ୍ଷିତ ରୁହନ୍ତା।

## ଖଣ୍ଡପଡ଼ା ସ୍କୁଲ ପୋଖରୀର ପୁନଃଉଦ୍ଧାର କାମ ଆରମ୍ଭ

ଦଶପଲ୍ଲା, (ମହାଭାରତ) : ଦଶପଲ୍ଲା ଜିଲ୍ଲାପରିଷଦ ଅଞ୍ଚଳ ପରିଷଦ ର ୧୬ ନମ୍ବର ୱାର୍ଡ ଅନ୍ତର୍ଗତ ଖଣ୍ଡପଡ଼ା ସ୍କୁଲ ପୋଖରୀର ପୁନଃଉଦ୍ଧାର କାମ ଗଇଣ ଯୋଜନା ଅଧୀନରେ ଆରମ୍ଭ ହୋଇଛି। ଦୀର୍ଘଦିନ ଧରି ପୋଖରୀଟି ଅବହେଳିତ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ପୋଖରୀର ପୁନଃଉଦ୍ଧାର କାମ ଆରମ୍ଭ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।ସୂଚନା ଅନୁଯାୟୀ, ପୋଖରୀର ସଫାସୁତୁରା, ପଢ଼ିଆ ସୁଦୃଢ଼କରଣ ଏବଂ ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ଏହି କାମ କରାଯାଉଛି। ଏହା ଫଳରେ ସ୍ଥାନୀୟ ପରିବେଶ ସୁନ୍ଦର ହେବା ସହ ଲୋକମାନଙ୍କୁ ଆଗାମୀ ଦିନରେ ବହୁ ଉପକାର ମିଳିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୧ ଲକ୍ଷ ୫୫ ହଜାର ଟଙ୍କା ବ୍ୟୟ ଧାର୍ଯ୍ୟ ହୋଇଛି। ପୁନଃଉଦ୍ଧାର କାମ ଆରମ୍ଭ ହେବାରୁ ସ୍ଥାନୀୟ ଗ୍ରାମବାସୀମାନେ ଗଞ୍ଜଣ ଇଞ୍ଜିନିୟର ସୁଧାଂଶୁ ଶେଖର ପାଣି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ଧନ୍ୟବାଦ ଜଣାଉଛନ୍ତି।

# ଦିନ ଦ୍ୱିପ୍ରହରରେ ଘରେ ପଶି ମରଣାତ୍ମକ ଆକ୍ରମଣ : ଅଭିଯୋଗ ପରେ ବି ପୋଲିସ ସାଜିଛି ନିରବଦ୍ରଷ୍ଟା

ରଣପୁର, (ମହାଭାରତ) : ହଜି ଗଲାଣି ମାନବିକତା। ଆଉ ସୁରକ୍ଷିତ ନାହାନ୍ତି ସାଧାରଣଜନତା। ପୁଲିସ ସାଜିଛି ଏଠି ନୀରବଦ୍ରଷ୍ଟା। ଓଡ଼ିଶା ପୁଲିସ ର କର୍ଯ୍ୟକରିବା ଦକ୍ଷତା ଜ୍ୱଳନ୍ତ ଚିତ୍ର ବାରି ହେଉଥିବା ବେଳେ ନୟାଗଡ଼ ପୁଲିସ ର ପାରିବା ପଣିଆରେ ଉଠିଛି ପ୍ରଶ୍ନ। ବେଆଇନ ପଥର ଖଣି ଖନନ କରି ଚୋରା ଚାଲାଣକାରୀ ଙ୍କ ବର୍ବରତା ସହ ଗୋଟିଏ ପରେ ଗୋଟିଏ ହତ୍ୟା ହେଉଥିବା ବେଳେ ପୁଣି ଏକ ବିଭତ୍ସ ଆକ୍ରମଣ ସାମ୍ନା କୁ ଆସିଛି ଚାନ୍ଦପୁର ଥାନା ଅଞ୍ଚଳରୁ। ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଧୀନସ୍ଥ ବୋକାଖାଇ ଗ୍ରାମରେ ଘରେ ପଶି ମରଣାତ୍ମକ ଆକ୍ରମଣ କରିଛନ୍ତି ପଥର ଖଣି ମାଫିଆ ମାନେ। ଗତ ୧୭ ତାରିଖ ଦିନ ପଥର ବୋଝେଇ ଟ୍ରକ ସୁକାନ୍ତ ଭଟ୍ଟଙ୍କ ବାଡ଼ି ପଛପଟେ ଯାଇଥିବା ରାସ୍ତା ରେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ ସେହି ରାସ୍ତାଦେଇ ଯାଇଥିଲା





ସେହି ରାସ୍ତା ରେ ଏକ ହମ୍ପସ ଥିବାରୁ ଗାଡିରୁ ଏକ ମାଙ୍କଡା ପଥର ଖସିପଡ଼ି ଭଟ୍ଟ ଙ୍କ ଉପରେ ପଡ଼ିଥାନ୍ତା ଅଳ୍ପକେ ବର୍ତ୍ତି ଯିବାରୁ ପଥର ଗାଡ଼ିକୁ ସାବଧାନ ରେ ଯିବାକୁ ଭଟ୍ଟ କହିଥିଲେ। ପରେ ଯୁକ୍ତି ଲାଗିବାରୁ ଭଟ୍ଟ କହିଥିଲେ ରଣପୁର ତହସିଲ ଓ ଚାନ୍ଦପୁର ପୁଲିସ କୁ ଜଣାଇବା ପାଇଁ। ପରେ ଅଭିଯୁକ୍ତ ଗାଡ଼ି ଡ୍ରାଇଭର ମାଙ୍କଡା ପଥର ଗାଡି ସେହିଠାରୁ ନେଇ ଚାଲିଯାଇଥିଲା। ଭଟ୍ଟ ଙ୍କ ପରିବାରର ସମସ୍ତ ସଦସ୍ୟ ଭୁବନେଶ୍ୱର ରେ ରହୁଥିବା ବେଳେ ଗାଁ କୁ ଏକ କାମରେ ଆସିଥିଲେ ସମସ୍ତ ପରିବାର ଲୋକେ। ମା ସାତ୍ୟଭାମା ଓ ପୁଅ ସୁକାନ୍ତ ଙ୍କ ର ଛୁଟି ଥିବାରୁ ମା ଓ ପୁଅ ଘରେ ରହିଥିଲେ କିନ୍ତୁ ୧୮ ତାରିଖ ଦିନ ଘରେ ବୁଢୀ ମା ଏବଂ ପୁଅ ଘରେ ଥିବା ବେଳେ ପାଖା ପାଖି ୧୭ ଜଣ ପଥର ମାଫିଆ ମାନେ ଭଟ୍ଟ ଙ୍କ ଘର କୁ ଲାଗି ରହିଥିବା ଶୌଚାଳୟ ଉପରେ ଚଢି ଛାତକୁ ଯାଇ ସିଡି ରାସ୍ତା ଦେଇ ଘର ମଧ୍ୟକୁ ପ୍ରବେଶ କରି ଘରର କବାଟ ଲକ ଭାଙ୍ଗି ଦିନ ଦ୍ୱିପହରରେ ମରଣାତ୍ମକ ଆକ୍ରମଣ କରିଛନ୍ତି। ତେବେ ଏ ନେଇ ଭୁବନେଶ୍ୱର ରେ ରହୁଥିବା ପରିବାର ଲୋକେ ଖବର ପାଇ ୧୧୨ କୁ କଲ କରି ଜଣାଇବା ପରେ ଚାନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଭଟ୍ଟ ଙ୍କୁ ଉଦ୍ଧାର କରିଥିଲା। ପ୍ରଥମେ ପ୍ରାଥମିକ ଚିକିତ୍ସା ପାଇଁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ ଏବଂ ଭଟ୍ଟ ଙ୍କ ଅବସ୍ଥା ଗୁରୁତ୍ୱର ଦେଖି ଭୁବନେଶ୍ୱର କୁ ରେଫର କରିଥିଲେ। ଏବେ ଭଟ୍ଟ ମୃତ୍ୟୁ ସହ ଲଢେଇ କରୁଛନ୍ତି। ପରେ ବୃଦ୍ଧା ମା ଗତ ୧୯ ତାରିଖ ଦିନ ଏକ ଲିଖିତ ଅଭିଯୋଗ ଚାନ୍ଦପୁର ଥାନା ରେ ଜଣାଇଥିଲେ ଆଜକୁ ୭ଦିନ ବିତିଯାଇଥିଲେ ମଧ ଚାନ୍ଦପୁର ପୁଲିସ ପକ୍ଷରୁ କୌଣସି ସୁଫଳ ମିଳିନାହିଁ। ଆକ୍ରମଣ କାରୀ ମାନେ ଖୁଲମ ଖୋଲା ଗାଁରେ ବୁଲୁଥିବା ବେଳେ ଏ ନେଇ ବୃଦ୍ଧ ମା ଟି ଉଦୁଉଦିଆ ଖରାରେ ଜିଲ୍ଲା ପୁଲିସ୍ ପାଖରେ ପହଞ୍ଚି ଘଣ୍ଟା ଘଣ୍ଟା ଧରି ଅପେକ୍ଷା ପରେ ଉପ ଆରକ୍ଷୀ ଅଧିକାରୀଙ୍କ ସହ ଦେଖା ମିଳିଥିଲେ ତାହା ମଧ କୌଣସି ସୁଫଳ ମିଳିନାହିଁ। ତେବେ ଏହି ପରିପ୍ରେକ୍ଷୀ ରେ ବାଡ଼ ଯଦି ଫସଲ ଖାଏ ଚାଷୀ ଅବସ୍ଥା ଯାହା ସହି ଭଳି ନ୍ୟାୟ ରେ ଚାଲିଛି ଚାନ୍ଦପୁର ପୁଲିସ। ଚାନ୍ଦପୁର ପୁଲିସ ର ନୀରବଦ୍ରଷ୍ଟା ପ୍ରମାଣ କରୁଛି କାହା ଚାପରେ ଅପରାଧୀ ମାନଙ୍କୁ ସୁରକ୍ଷା ଯୋଗାଇ ଦେଇଛି। ଯାହା ଦୀର୍ଘ ୨୪ ବର୍ଷ ଶାସନରେ ହୋଇନଥିଲା ଏବେ ତାହା ଦେଖିବାକୁ ମିଳୁଛି। ଏହି ପଥର ଖଣି ଖନନକୁ ନେଇ ଏବେ ଗାଁ ଗହଳିରେ ଅଶହିଷ୍ଣୁ ହୋଇପଡ଼ି ଲେଣି ସାଧାରଣ ଜନତା। ଚାନ୍ଦପୁର ଥାନା ଅଞ୍ଚଳରେ ଏବେ ଖଣି ମାଫିଆ ମାନଙ୍କ ଅରାଜକତା ଚାଲିଛି, ଚୋରାରେ ଖଣି ଖନନ ଓ ଚୋରା ଚାଲାଣ ନିମିତ୍ତ ସେମାନେ ପର୍ଯ୍ୟାପ୍ତ ବଟି ଦେଉଛନ୍ତି। ତେଣୁ ପୁଲିସ କିମ୍ବା ରାଜସ୍ୱ ବିଭାଗ ସେମାନଙ୍କର କିଛି କରି ପାରିବେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏହାହିଁ ସତ୍ୟରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ରଣପୁର ରେ ଲୋକଙ୍କ ସରକାର ର କୌଣସି ପ୍ରଭାବ ପରିଲକ୍ଷିତ ହେଉ ନଥିବା ସାଧାରଣ ରେ ଆଲୋଚନା ହେଉଛି।

## ନିର୍ମାଣଧୀନ ଜେ.ଏସ.ଡବ୍ଲୁ କମ୍ପାନୀ ଫାଟକ ନିକଟରେ ଧାରଣା



ପାରାଦୀପ, (ମହାଭାରତ) : ପାରାଦୀପରେ ନିର୍ମାଣଧିନ ଜେ.ଏସ୍.ଡବ୍ଲ୍ୟୁ କମ୍ପାନୀ ଫାଟକ ନିକଟରେ ନୂଆଗାଁ ସିଦ୍ଧ ଗୁମ୍ଫା ମଠ ଜଙ୍ଗଲ କମିଟିର ଧାରଣା। ନିଯୁକ୍ତି ଓ ଗଛକଟା ପ୍ରାପ୍ୟ ନଦେବା ପ୍ରସଙ୍ଗ ଓ ବିଭିନ୍ନ ଦାବୀ ନେଇ କମ୍ପାନୀ ଫାଟକ ନିକଟରେ ଧାରଣା ରେ ବସିଲା ନୂଆଗାଁ ସିଦ୍ଧ ଗୁମ୍ଫା କମିଟି। ଆସନ୍ତା ମେ ୨୭ ରେ ମାନ୍ୟବର ମୂଖମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲା ଢିଙ୍କିଆ ରେ ଜେ.ଏସ୍.ଡବ୍ଲୁର ନିର୍ମାଣଧିନ ପରିସରକୁ ଗ୍ରସ୍ତ ପୂର୍ବରୁ ଏହି ଧାରଣା ଦିଆଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ନୂଆଗାଁ ସିଦ୍ଧ ଗୁମ୍ଫା ଜଙ୍ଗଲ କମିଟି ତରଫରୁ ଚେତାବନୀ ଦିଆଯାଇଛି।ଢିଙ୍କିଆ ଚାରିଦେଶ ରେ ପ୍ରକଳ୍ପ କୁ ବିରୋଧ କରା ଯାଉଥିବା ବେଳେ ପ୍ରଥମେ ଏହି କମିଟି ପ୍ରକଳ୍ପକୁ ସ୍ୱାଗତ କରିଥିଲା। ହେଲେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରି ପାରିନାହିଁ। ଏପରିକି ନିଯୁକ୍ତି ନାହିଁ କିମ୍ବା କମ୍ପାନୀ ପାଇଁ ହଜାର ହଜାର ଗଛ କଟା ଯାଇଥିଲେ ମଧ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଉଣା ଦିଆ ଯାଉନାହିଁ। ଏହିଭଳି ବିଭିନ୍ନ ଦାବି ନେଇ ନୂଆଗାଁ ସିଦ୍ଧ ଗୁମ୍ଫା ମଠ କମିଟି ତରଫରୁ ୯୦ପରିବାର କମ୍ପାନୀ ଫାଟକ ନିକଟରେ ଧାରଣା ଦିଆଯାଇଛି। ଯେପର୍ଯ୍ୟନ୍ତ କମ୍ପାନୀ ଦାବି ପୂରଣ ନକରିଛି ସେ ପର୍ଯ୍ୟନ୍ତ ଧାରଣା ଯାରୀ ରହିବ ବୋଲି ଚେତାବନୀ ଦେଇଛି ନୂଆଗାଁ ସିଦ୍ଧ ଗୁମ୍ଫା କମିଟି।

## ନାରୀ ସୁରକ୍ଷା ଅଧିକାର ପାଇଁ ବିଜେଡ଼ି ପକ୍ଷରୁ ଶକ୍ତି ପ୍ରଦର୍ଶନ ଦେଖାଇଲେ ମହିଳା

ନୂଆଗାଁ / ଦଶପଲ୍ଲା , (ମହାଭାରତ ) ନାରୀ ସୁରକ୍ଷା ଅଧିକାର ନେଇ ତିନିଗୋଟି ବ୍ଲକର ମହିଳା ବିଜେଡ଼ି ପକ୍ଷରୁ ସୋମବାର ଦିନ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଦଶପଲ୍ଲା ଠାରେ ମହିଳା ବିଜେଡ଼ି ପକ୍ଷରୁ ବିଶାଳ ଶକ୍ତି ପ୍ରଦର୍ଶନ ଦେଖାଇଥିଲେ ।ଦଶପଲ୍ଲା ବିଧାୟକ ତଥା ବିଜେଡ଼ି ସଭାପତି, ନୟାଗଡ଼ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମେଡିକାଲ ଛକରେ ଥିବା ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେଠାରୁ ହଜାର ହଜାର ମହିଳା ଶୋଭାଯାତ୍ରାରେ ସାମିଲ ହୋଇ ଦିନକୁ ଦିନ ମହିଳାଙ୍କ ପ୍ରତି ବଢୁଥିବା ଅନ୍ୟାୟ ଅତ୍ୟାଚାରକୁ ବିରୋଧ ଆଭାସ କରି ଦଶପଲ୍ଲା ବଜାର ପରିକ୍ରମା କରି ମେଳିଆ ଡୋଟାରେ ପହଞ୍ଚିଥିଲେ। ସେଠାରେ ଏକ ସଭାର କାର୍ଯ୍ୟକ୍ରମ ହୋଇଥିଲା ।ବର୍ତ୍ତମାନ ରାଜ୍ୟ ସରକାର ହେଉଛନ୍ତି ଦୋଗଲା ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବାକୁ କହି ସୁଭଦ୍ରା ଯୋଜନା ଆଳରେ ଠକିଥିବା କହିଥିଲେ ।ଏପରି କି ମହିଳାଙ୍କୁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଦେବାରେ ଅବହେଳା ଏବଂ ନାରୀ ନିର୍ଯ୍ୟାତନା ରୋକିବାକୁ ପଦକ୍ଷେପ ନେବାରେ ସରକାର ବିଫଳ ହୋଇଛନ୍ତି ବୋଲି କହିଥିଲେ ।ଏହା ସହ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବେ ବୋଲି ପ୍ରତିଶୃତି ଦେଇଥିଲେ ହେଲେ କୁଆଡେ ଗଲା ବୋଲି ମଧ ସରକାରଙ୍କୁ ପ୍ରଶ୍ନ କରିଥିଲେ ।ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦଶପଲ୍ଲା ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।ଏହି ଶୋଭାଯାତ୍ରାରେ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ,ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା,ଦଶପଲ୍ଲା ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ,କାଉନସିଲର ମନୋଜ ସାହୁ,ରଶ୍ମିତା ଜେନା, ମାନସୀ ପଟ୍ଟନାୟକ ସନ୍ଧ୍ୟାରାଣୀ ପ୍ରଧାନ, ମନୀଷା ମିଶ୍ର,ନୂଆଗାଁ ବ୍ଲକ ବିଜେଡ଼ି ସଭାପତି ତଥା ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ, ଗଣିଆ ବ୍ଲକ ବିଜେଡ଼ି ସଭାପତି ଶେଷଦେବ ସ୍ୱାଇଁ ଓ ମହେଶ୍ୱର ମହାରଣାଙ୍କ ସମେତ ଏଥିରେ ତିନିଗୋଟି ବ୍ଲକର ହଜାର ହଜାର ମହିଳା ଓ କର୍ମୀମାନେ ସାମିଲ ହୋଇଥିଲେ।

## ଚାଷୀଙ୍କ ସମସ୍ୟା ନେଇ ବିଜେଡିର ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବିପତ୍ର

ରାଇଘର, (ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଚାଷୀଙ୍କ ସମସ୍ୟାକୁ ନେଇ ତେଜିଛି ସ୍ୱର । ସାର ଅଭାବ, ଡିଜେଲ ଦରବୃଦ୍ଧି, ଅଘୋଷିତ ବିଦ୍ୟୁତ କାଟ ଓ ଜମି ପଟ୍ଟା ଭଳି ମୌଳିକ ସମସ୍ୟାର ସମାଧାନ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ୧୧ ଦଫା ଦାବିପତ୍ର । ଶତାଧିକ ଚାଷୀ, ନେତା ଓ କର୍ମୀଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା ଜୋରଦାର ଆନ୍ଦୋଳନର ଚିତ୍ର ।ରାଇଘର ବ୍ଲକରେ ଚାଷୀମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇପଡ଼ିଛନ୍ତି । ଚାଷ ପାଇଁ ଆବଶ୍ୟକ ସାର ଓ ବିହନ ଠିକ ସମୟରେ ମିଳୁନଥିବାବେଳେ ଡିଜେଲ ଓ ପେଟ୍ରୋଲ ଦରବୃଦ୍ଧି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି । ଏହି ସମସ୍ୟାର ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଚାଷୀଙ୍କୁ ଯଥେଷ୍ଟ ପରିମାଣରେ ରାସାୟନିକ ଓ ଜୈବିକ ସାର ଯୋଗାଇବା, ପ୍ରତ୍ୟେକ ଟ୍ରାକ୍ଟର ଚାଷୀଙ୍କୁ ୫ ହଜାର ଟଙ୍କାର ଡିଜେଲ ସହାୟତା ଦେବା ଏବଂ ପେଟ୍ରୋଲ ପମ୍ପରେ ଚାଷୀଙ୍କୁ ଅଯଥା ହଇରାଣ ବନ୍ଦ କରିବାକୁ ଦାବି କରାଯାଇଛି । ସେହିପରି ପ୍ରତିଦିନ ବଢୁଥିବା ପେଟ୍ରୋଲ ଓ ଡିଜେଲ ଦରକୁ ନିୟନ୍ତ୍ରଣ କରି ଜିଏସଟି ଅନ୍ତର୍ଭୁକ୍ତ କରିବା, ଜଙ୍ଗଲ ଜମିରେ ଚାଷ କରୁଥିବା ଚାଷୀଙ୍କୁ ସାର ଓ ବିହନ ଯୋଗାଇବା, ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ଏବଂ ପେସା ଆଇନ ଲାଗୁ କରିବା ପରି ଦାବି ମଧ୍ୟ ରହିଛି ।ଚାଷୀଙ୍କ ସ୍ୱାର୍ଥକୁ ଆଗରେ ରଖି ଲାଇସେନ୍ସପ୍ରାପ୍ତ ଡିଲରଙ୍କ ପାଖରେ ଥିବା ସାରକୁ ଶୀଘ୍ର ବିକ୍ରୟ କରିବା, ରାଇଘର ବ୍ଲକରେ ଭୂବନ୍ଦୋବସ୍ତ ଲାଗୁ କରି ଜମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ସହ ଏଲପିଜି ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀକୁ ସୁଲଭ ମୂଲ୍ୟରେ ଯୋଗାଇବାକୁ ମଧ୍ୟ ଦାବି କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବୀନ ନାୟକଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ।ଚାଷୀଙ୍କ ଜୀବିକା ଓ ଅଧିକାର ସହ ଜଡିତ ଏହି ୧୧ ଦଫା ଦାବି ଉପରେ ସରକାର କେବେ ପଦକ୍ଷେପ ନେଉଛନ୍ତି, ତାହା ଦେଖିବା ବାକି ରହିଲା

## ମୌଳିକ ବିଜ୍ଞାନ ଓ ମାନବିକତା ମହାବିଦ୍ୟାଳୟ ୧୯୭୯ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ


ପାରାଦୀପ, (ମହାଭାରତ) : ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମୌଳିକ ବିଜ୍ଞାନ ଓ ମାନବିକତା ମହାବିଦ୍ୟାଳୟର ୧୯୭୯ ମସିହା ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଟ ଭୂଆସୁଣୀ ମନ୍ଦିର ପ୍ରାଙ୍ଗଣ, ଜଟଣୀ ରୋଡ଼, ଓଗଳପଡ଼ା ଠାରେ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ବ୍ରଜକିଶୋର ଲେଙ୍କା ସମସ୍ତ ଅତିଥିଙ୍କୁ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍ପରେ ଇଂ.ଯୁଗଳ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ମିତାଞ୍ଜଳି ମହାନ୍ତିଙ୍କ ୩୯ ତମ ବିବାହ ବାର୍ଷିକୀ ତଥା ଶ୍ରୀ ବ୍ରଜକିଶୋର ଲେଙ୍କା ଓ ଶ୍ରୀମତୀ ସୌଦାମିନୀ ଲେଙ୍କାଙ୍କ ୪୦ ତମ ବିବାହ ବାର୍ଷିକୀ ଉପଲକ୍ଷେ ଉପସ୍ଥିତ ୫୦ ଜଣ ବନ୍ଧୁ ଫୁଲମାଳ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଏବଂ ପାରମ୍ପରିକ ରୀତିରେ କେକ୍ କାଟି ସେମାନଙ୍କୁ



ସମ୍ବର୍ଦ୍ଧିତ କରିଥିଲେ। ପ୍ରଭୁ ଜଗନ୍ନାଥ ଓ ମା' ବାଟ ଭୂଆସୁଣୀଙ୍କ ନିକଟରେ ସମସ୍ତ ସାଥୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ସନ୍ତୋଷ କୁମାର ତ୍ରିପାଠୀ ଙ୍କ ପୁନଃନିଯୁକ୍ତି ଉପଲକ୍ଷେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁମିଳନରେ ସମୁଦାୟ ୬୦ ଜଣ ବନ୍ଧୁ, ସେମାନଙ୍କ ପତ୍ନୀ ଓ ପରିବାରବର୍ଗ ଯୋଗ ଦେଇଥିଲେ। ସମସ୍ତେ ନିଜ ନିଜ ପରିବାରର ପରିଚୟ ପ୍ରଦାନ କରି ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ସୁଦୂର ହାଇଦ୍ରାବାଦରୁ ସ୍ନିଗ୍ଧା ମିଶ୍ର ଆସି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ସମସ୍ତଙ୍କ ତରଫରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ସଚ୍ଚିଦାନନ୍ଦ ପଣ୍ଡା ଉପସ୍ଥିତ ସମସ୍ତ ବନ୍ଧୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସମସ୍ତେ ମା'ଙ୍କ ପ୍ରସାଦ ଗ୍ରହଣ କରିବା ପାଇଁ ପ୍ରସ୍ଥାନ କରିଥିଲେ।

## ଅସ୍ତରଙ୍ଗରେ ଚାଞ୍ଚଲ୍ୟ : ସାଇବର କ୍ରାଇମରେ ଦିନମଜୁରିଆ ଅଟକ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳରୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା, ଛତିଶଗଡ଼ ରାଜ୍ୟ ରୁ ସାଇବର ଫ୍ରଡ଼ କ୍ରାଇମ ରେ ଆସିଛନ୍ତି ସ୍ୱତନ୍ତ୍ର ପୋଲିସ ଟିମ୍, ମୋବାଇଲ ନମ୍ବର ଟ୍ରାକ କରି ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ କୁଲସାହି ଗ୍ରାମ ର ଜଣେ ଦିନ ମଜୁରିଆ ବ୍ୟକ୍ତି ସହଦେବ ମଲ୍ଲିକ ଙ୍କୁ ଅଟକ ରଖିବା ସହ ଅସ୍ତରଙ୍ଗ ଥାନା ରେ କରୁଛନ୍ତି ପଚରାଉଚରା। ଏଥିନେଇ କୌଣସି ସଠିକ ସୂଚନା ଅସ୍ତରଙ୍ଗ ଥାନା ତରଫରୁ ମିଳିନଥିବା ବେଳେ ସହଦେବଙ୍କ ଧର୍ମପତ୍ନୀ କବିତା ମଲ୍ଲିକଙ୍କ ସୂଚନା ମୁତାବକ ଯାହା ତଥ୍ୟ ହସ୍ତଗତ ହୋଇଛି । ସୂଚନା ମୁତାବକ ଛତିଶଗଡ ରାୟପୁର ଅଞ୍ଚଳ ର କମାଡି ଥାନା ଅଞ୍ଚଳରେ ଏକ ସାଇବର ଅଭିଯୋଗ ହୋଇଥିଲା





ପୂର୍ବରୁ କି ମୋବାଇଲରେ ଗୋଟେ ଆକାଉଣ୍ଟ ହ୍ୟାକ କରାଯାଇ ମୋଟା ରକମର ପଇସା ଫ୍ରଡ଼ ହୋଇଛି। ଏହି ଅଭିଯୋଗର ତଦନ୍ତ କରି ଛତିଶଗଡ ଖାମାଡି ଥାନା ରୁ ସ୍ୱତନ୍ତ୍ର ଟିମ୍ ଆସି ଅସ୍ତରଙ୍ଗ ରେ ପହଞ୍ଚି ମୋବାଇଲ ଟ୍ରାକରୁ ତାଳଦା ଅଞ୍ଚଳରୁ ସହଦେବକୁ ଉଠାଇବା ସହ ପଚରାଉଚରା ଜାରି ରଖିଛି, ସହଦେବଙ୍କ ଗ୍ରାମବାସୀ ଓ ତାଙ୍କ ପତ୍ନୀ ଙ୍କ ଅଭିଯୋଗ ଯେ କେହି ଜଣେ ତାଙ୍କ ମୋବାଇଲ ସ୍କାନର ସହଦେବଙ୍କ ହ୍ୱାଟ୍ସଅପରୁ କେଉଁଠି ପଠେଇ ତାହାକୁ ସମ୍ପୂର୍ଣ୍ଣ ଡିଲିଟ ମାରିଛି। ଉକ୍ତ ସ୍କାନରର ନାମ କାମିନୀ ବେହେରା ଦେଖାଉଚି ମାତ୍ର ସେ ଜଣଙ୍କ କିଏ ତାଙ୍କ ଠିକଣା କଣ ତାହା ଅସ୍ପଷ୍ଟ ରହିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ମୋବାଇଲ ଅନଲାଇନ ରେ ସାଇବର ଲୁଟେରାଙ୍କ ଫ୍ରାଙ୍କ କଲ୍ ବାରମ୍ବାର ଆସୁଛି। ସହଦେବଙ୍କ ଭଳି ନିରୀହ ଦିନ ମଜୁରିଆ ଲୋକ ଏହି ବାବଦରେ ସଚେତନ ନହୋଇ ଦୁର୍ଭାଗ୍ୟବସତଃ ଏହି ଭୁଲ କରି ବସିଛନ୍ତି, ଫଳ ସ୍ୱରୂପ ସାଇବର ଫ୍ରଡ଼ ସହଦେବ ଙ୍କ ମୋବାଇଲ ନମ୍ବର କୁ ବ୍ୟବହାର କରି ଅର୍ଥ ଲୁଟ କରିବାରେ ସକ୍ଷମ ହୋଇଛି। ଯାହାକି ଫଳରେ ସହଦେବ ଙ୍କ ଭଳି ନିରୀହ ଲୋକ ଆଜି ଏହି ଘଟଣାର ଶିକାର ହୋଇଛନ୍ତି, ସହଦେବଙ୍କ ପତ୍ନୀଙ୍କଠୁ ମିଳିଥିବା ସୂଚନା ଅନୁସାରେ ଛତିଶଗଡ ପୋଲିସ ସହଦେବଙ୍କୁ ଅଧିକ ତଦନ୍ତ ପାଇଁ ଛତିଶଗଡ ନେବାକୁ ବନ୍ଦବସ୍ତ କରିଛନ୍ତି, ଏପଟେ ନୀରିହ ଦିନ ମଜୁରିଆ ସହଦେବଙ୍କ ପତ୍ନୀ ଓ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଏହି ଘଟଣାରେ ହସ୍ତକ୍ଷେପ କରି ପ୍ରକୃତ ଦୋଷୀକୁ ଧରି ନିରୀହ ସହଦେବ କୁ ନ୍ୟାୟ ଦେବା ପାଇଁ ।

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

ଗଜପତି, (ମହାଭାରତ) : ଜିଲ୍ଲାରେ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ଗଜପତି : ସାରା ରାଜ୍ୟ ତଥା ଦେଶରେ ଆଜି ମହିଳା ନିର୍ଯାତନା ବୃଦ୍ଧି ପାଇଛି। ନିରୀ ନିର୍ଯ୍ୟାତନା ତାଲିକାରେ ଶୀର୍ଷରେ ପହଞ୍ଚି ଓଡ଼ିଶା, ବିଜେପି ସରକାରରେ ନାରୀର ସୁରକ୍ଷା ନାହିଁ । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଦରଦାମ ଆକାଶ ଛୁଆଁ ହୋଇଛି। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛ ବିଜୁ ମହିଳା ଜନତା ଦଳ। ଏଥିସହ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ମହିଳାଙ୍କୁ ସୁରକ୍ଷା ପ୍ରଦାନ ସହ ମହିଳାଙ୍କ ନିମନ୍ତେ ନିଯୁକ୍ତି ସୃଷ୍ଟି କରିବା ଦାବିରେ ଆଜି ଗଜପତି ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ପାଣିରେ ବୁଡି ୨ ବର୍ଷର ଶିଶୁ ମୃତ୍ୟୁ



ହାଟଡିହି(ମହାଭାରତ): କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଞ୍ଚଳରେ ଗତ ରବିବାର ଏକ ଦୁଃଖଦ ଘଟଣା ଘଟିଛି । ଝଣଝଣା ଗ୍ରାମର ଅରୁଣ ଖଣ୍ଡେଇଙ୍କ ପୁଅ ଅନିଲ (୨ ବର୍ଷ) ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ପୋଲିସ ଶବ ଜବତ କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ବ୍ୟବଛେଦ କରାଇଛି । ପୋଲିସ ୟୁଡ଼ି ମାମଲା ନଂ ୫/୨୦୨୬ ରୁଜୁ କରିଛି । ସୋସୋ ଥାନାଧିକାରିଣୀ କାନନ ସାହୁ କହିଛନ୍ତି ଯେ ଝଣଝଣା ଗ୍ରାମ ନିକଟରେ ପାଇପ ଲାଇନ ଯାଇଛି । ପାଇପ ଲାଇନ ଉପରେ ଯାତାୟାତ ପାଇଁ ଏକ ରାସ୍ତା ଅଛି। ପାଇପ ଲାଇନ ଫାଟି ଯିବାରୁ ରାସ୍ତାରେ ଏକ କୁତ୍ରିମ ଛୋଟ ପୋଖରୀ ସୃଷ୍ଟି ହୋଇଥିଲା । ସେହି ଠାରେ ଅନେକ ଲୋକ ଗାଧୋଇବା କାର୍ଯ୍ୟ କରନ୍ତି । କିନ୍ତୁ ମୃତ ଅନିଲ ସେହି କୁତ୍ରିମ ପୋଖରୀ କେତେବେଳେ ପଡି ବୁଡି ଯାଇଛି କେହି ଜାଣି ନାହାଁନ୍ତି ।ଜଣେ ବ୍ୟକ୍ତି ସେହି କୁତ୍ରିମ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅନିଲ ପାଣିରେ ଭାସୁଥିବା ଦେଖାଯାଇଥିଲା । ଅନିଲକୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଅପର ପକ୍ଷେ ଆନନ୍ଦପୁର ଏସଡିପିଓ ଘଟଣା ସ୍ଥଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ସୋସିଆଲ ଅଡିଟ ସମୟରେ ଯୁକ୍ତିତର୍କ,ପୋଲିସର ତଦନ୍ତ

ହାଟଡିହି: କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ମରେଇଗାଁ ଗ୍ରାମ ପଞ୍ଚାୟତ ସୋସିଆଲ ଅଡିଟ୍(ସାମାଜିକ ସମୀକ୍ଷା) କାର୍ଯ୍ୟରେ ନିୟୋଜିତ ଦୁଇ ମହିଳା ଭିଆରପି(ଭିଲେଜ ରିସୋର୍ସ ପର୍ସନ) ଏବଂ ସରପଞ୍ଚଙ୍କ ସ୍ୱାମୀ ଖପରାଖାଇ ଗ୍ରାମରେ ଏକ ରାସ୍ତା କାର୍ଯ୍ୟର ସମୀକ୍ଷା କରୁଥିଲେ । ସମୀକ୍ଷା ସମୟରେ ଜଣେ ବ୍ୟକ୍ତିଙ୍କ ଯୁକ୍ତିତର୍କ ହୋଇଥିଲା ୨ ମହିଳା ଭିଆରପି ବିଜୟଲକ୍ଷ୍ମୀ ରଉତ ଓ ପ୍ରମିଳା ବରାଳଙ୍କୁ ବ୍ୟକ୍ତି ଜଣକ ଠେଲି ଦେବାରୁ ସେମାନେ ତଳେ ପଡିଯାଇ ଆହତ ହୋଇଥିଲେ । ଉଭୟଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏ ନେଇ ଖବର ମିଳିବା ପରେ ସୋସୋ ପୋଲିସକୁ ଜଣାଯାଇଥିବା ବିଡ଼ିଓ ରଞ୍ଜନ କୁମାର ପରିଡା କହିଛନ୍ତି । ସୋସୋ ଥାନାଧିକାରିଣୀ କାନନ ସାହୁ କହିଛନ୍ତି ଯେ କୌଣସି ଲିଖିତ ଅଭିଯୋଗ ହୋଇନି ।ବିଡ଼ିଓଙ୍କ ଫୋନ କଲ ପାଇ ଘଟଣା ସ୍ଥଳ ରେ ଅନୁଧ୍ୟାନ କରିଥିଲୁ । କୌଣସି ଠେଲା ପେଲା ହୋଇନଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି।

## ଅଂଶୁଘାତ ପାଇଁ ପ୍ରସାସନ ତରଫରୁ ସଚେତନତା ନାହିଁ

ଆସିକା(ମହାଭାରତ): ଅସହ୍ୟ ତାତିରେ ଆସିକା ସହର ଭାଜିହେଉଛି। ଦିନ ୧୦ଟାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ସହର ମୁଖ୍ୟରାସ୍ତା ଗୁଡିକରେ ଜନଶୂନ୍ୟ ହେଇଯାଉଛି। ସହରର ସର୍ବୋଚ୍ଚ ତାପମାତ୍ରା ୪୦ ରୁ ୪୨ ଡିଗ୍ରୀ ରହିଆସୁଛି। ଖରା ଓ ତାପ ଯେତିକି ତାହାଠୁ ବଳି ପଡୁଛି ଗୁଳୁଗୁଳି। ପାଣାପାଗ ସୂଚନା ଅନୁଯାଇ ୧୫ ବର୍ଷ ମଧ୍ୟରେ ଏହା ସର୍ବୋଚ୍ଚ ତାପମାତ୍ର। ପାଣିପାଗ ବିଶେଷଜ୍ଞଙ୍କ ସୁପର ଏଲନିନୋ ଯେତେ ବେଳେ ପୃଥିବୀ ପୃଷ୍ଟରେ ଆଦ୍ରତା ଯୋଗୁଁ ଏହିଭଳି ହେଉଛି ଏବଂ ଏହା ୨୭ ତାରିଖ କିମ୍ବା ୩୦.୦୫.୨୬ ପର୍ଯ୍ୟନ୍ତ ଲାଗିରହିବ ବୋଲି ସୂଚନା ପ୍ରଦାନ କରିଛନ୍ତି। ବିଶେଷଜ୍ଞ ଓ ସରକାରଙ୍କ କୌଣସି ସୂଚନା ସ୍ୱଷ୍ଟ ନଥିବା ଯୋଗୁଁ ସାଧାରଣ ଲୋକ ଦିନକୁ ଦିନ ଭୟଭିତ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର, ଜିଲ୍ଲା ପ୍ରସାସନ ନାମକୁମାତ୍ର ଟି.ଭ ଓ ପତ୍ରପତ୍ରିକା ମାଧ୍ୟମରେ ଅଶୁଂଘାତ ସତର୍କତା ଦେଇ ତାଙ୍କ ଦାଇିବ ସାରିଦେଇ ଥିବାବେଳେ ବ୍ଲକ ଓ ପଞ୍ଚାୟତ ପକ୍ଷରୁ କୌଣସି ସତର୍କ ସୂଚନା ନାହିଁ। ଡାକବାଜି ଯନ୍ତ୍ର କିମ୍ବା ପୋଷ୍ଟର ବ୍ୟାନର ନାହିଁ କିମ୍ବା ଜନ ସଚେତନତା ମଧ୍ୟ ନାହିଁ। ପ୍ରତ୍ୟେକ ଗ୍ରାମରେ ପ୍ରତିଦିନ ଭଳି ଶତାଧିକ ଦିନମଜୁରିଆ ଶ୍ରମିକ ଦିନ ତମାମ ରାସ୍ତା ଘାଟ, କୋଠାବାଡି କାମରେ ନିୟୋଜିତ ଅଛନ୍ତିୟ ଅନ୍ୟପଟରେ ଦିନ ତମାମ ଗାଡି, ମଟର ବଜାର ଚାଲୁ ରହିଥିବା ଜଣାଯାଇଛି। ବସଷ୍ଟାଣ୍ଟ ଗୁଡିକରେ ଯାତ୍ରୀ ନାହିଁ ନଥିବା ଗରମରେ ଡହଳ ବିକଳ ହେଉଛନ୍ତି। କୌଣସି ପ୍ରତିକାର ନାହିଁ ମେଡିକାଲ ଗୁଡିକରେ ଅଶୁଂଘାତ ରୋଗି ସାଙ୍ଗକୁ ଝାଡାବାନ୍ତି, ଜ୍ୱରରେ ମେଡିକାଲ ଭର୍ତ୍ତି ହୋଇସାରିଲାଣି। ଅଶୁଂଘାତ ରୋଗିଙ୍କ ପାଇଁ ନାମକୁ ମାତ୍ର ମେଡିକାଲରେ ଲାଗିଥିବା ଫ୍ୟାନ, ଏସି, ଅଚଳ ସାଙ୍ଗକୁ ପିଇବା ପାଣି ମିଳୁନାହିଁୟ ଅନେକ ଶିଶୁ, ବୃଦ୍ଧ, ମହିଳା ପ୍ରତିଦିନ ଆକ୍ରାନ୍ତ ହୋଇ ମେଡିକାଲରେ ଆସୁଥିବା ଜଣାଯାଇଛି। ଖରାଛୁଟି ଯୋଗୁଁ ଅନେକ ଡାକ୍ତର ଛୁଟି ସାଙ୍ଗକୁ ବିଭିଭ ଆଳ ଦେଖାଇ ମେଡିକାଲରେ ଅନୁପସ୍ଥିତ ସାଙ୍ଗକୁ ବିଳମ୍ବରେ ଆସୁଥିବା ଅଭିଯୋଗ ହେଉଛି। ମେଡିକାଲ ବେଡ ଗୁଡିକରେ ଅସହ ତାତି ଯୋଗୁଁ ରୋଗୀମାନେ ବେଡ ଛାଡି କିଏ କେଉଁଠିଆଶ୍ରୟ ନେଉଥିବା ଭଳି ଭୟାନକ ଦୃଶ୍ୟମାନ ଦେଖିବାକୁ ମିଶୁଛି। ତୁରନ୍ତ ଜିଲ୍ଲା ପ୍ରହସନ ସ୍ୱାସ୍ଥ୍ୟ ବିଭାଗ ସାଙ୍ଗକୁ ବ୍ଲକ ଓ ପଞ୍ଚାୟତ ଗୁଡିକରେ ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେବାପାଇଁ ବୁଦ୍ଧିଯିବି ମହଲରେ ଦାବି ହେଉଛି।

## ସମାଜ ସେବା ପାଇଁ ଗଜପତିର କିଶୋର ଚନ୍ଦ୍ର ଦାସ ସମ୍ମାନିତ

ଗଜପତି(ମହାଭାରତ): ସମାଜସେବା ପାଇଁ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଶିକ୍ଷକ କିଶୋର ଚନ୍ଦ୍ର ଦାସଙ୍କୁ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ହୋଟେଲ ନିଉ ମୋଶୀ ଗ୍ରାଣ୍ଡ ସମ୍ମିଳନୀ କକ୍ଷରେ ସମ୍ମାନିତ। ଉକ୍ତ କାର୍ଯ୍ୟ କ୍ରମରେ ଗଜପତିର ସମାଜସେବୀ କିଶୋର ଚନ୍ଦ୍ର ଦାସଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମାଜସେବା ପାଇଁ ସମ୍ମାନିତ କରାଯାଇଅଛି । ଭାରତୀୟ ଆୱାର୍ଡ କାଉନସିଲ ପ୍ରତିଷ୍ଠାତା ଡ଼କ୍ଟର ଅନୁ କ୍ରିଷ୍ଣା, ମୁଖ୍ୟ ଅତିଥି ଅଧକ୍ଷ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲ, ଡ଼କ୍ଟର ଆଲୋକ କୁମାର ବୋଷ, ସମ୍ମାନୀୟ ଅତିଥି ଅଧକ୍ଷ ମାନବ ଅଧିକାର ଆସୋସିସନ ଶିବଦାସ ନାରାୟଣ ମହାଜନ ଓ ବରିଷ୍ଠ ଅତିଥି ବିଜୟ ଜ୍ଞାନେଶ୍ୱର ଚହ୍ୱାନ ଉପସ୍ଥିତ ହୋଇଥିଲେ। ମୁଖ୍ୟ ଅତିଥି ଡ଼କ୍ଟର ଆଲୋକ କୁମାର ବୋଷ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଡ଼କ୍ଟର ବୋଷ ସମାଜସେୀ ମାନଙ୍କ ଭୂମିକା, ଦାୟିତ୍ୱ ବୋଧ ଏବଂ ସମାଜସେବୀର ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଲୋ- ଭୋଲ୍ଟେଜ୍ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ସ୍ଥିତି

# ବୁଲୁନି ଫ୍ୟାନ୍, କାମ କରୁନି ଏସି : ଗୁଳୁଗୁଳିରେ ସଢୁଛନ୍ତି ରୋଗୀ ଏବଂ ସମ୍ପର୍କୀୟ

ନୟାଗଡ,(ମହାଭାରତ) : ନୟାଗଡ଼ରେ ଲୋ-ଭୋଲ୍ଟେଜ୍ ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ୍ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତର ଲୁଚକାଳି ଖେଳ ଦିନ ରାତି ଚାଲିଛି। ବାରମ୍ବାର ବିଦ୍ୟୁତ କାଟ୍ ଏବେ ଜନ ଜୀବନକୁ ସଂପୂର୍ଣ୍ଣ ଅସ୍ତବ୍ୟସ୍ତ କରି ପକାଉଛି। ବିଶେଷ କରି ବିଦ୍ୟୁତ କଟ୍ ଏବଂ ଲୋ-ଭୋଲ୍ଟେଜ୍ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଯନ୍ତ୍ରଣାକୁ ଏବେ ଦୁଇଗୁଣା ବଢ଼ାଇ ଦେଇଛି ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୁଲୁନି ଫ୍ୟାନ କାମ କରୁନି ଏସି। ବେଡ଼ରେ ପଡି ଗରମ ଛଟପଟ ହେଉଛନ୍ତି ରୋଗୀ। ଶିଶୁ ୱାର୍ଡ ଠାରୁ ଆରମ୍ଭ କରି ସର୍ଜରୀ ୱାର୍ଡ, ସ୍ତ୍ରୀ ଓ ପ୍ରସୂତି ୱାର୍ଡ ଏବଂ ମେଡିସିନ ୱାର୍ଡ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ୱାର୍ଡ ଗୁଡ଼ିକରେ ଲୋ-ଭୋଲ୍ଟେଜ୍ ପାଇଁ କାମ କରୁନି ଏସି ଏବଂ ବୁଲୁନି ଫ୍ୟାନ। ଏହି ସବୁ ୱାର୍ଡ ଗୁଡ଼ିକରେ ଅଧିକାଂଶ ଫ୍ୟାନ ଏବଂ ଏସି ଅଚଳ ହୋଇ ରହିଥିବା ଦେଖିବା ପାଇଁ ମିଳିଛି। ରୋଗୀ ମାନେ ନିଜେ ଘରୁ ଫ୍ୟାନ ଆଣି ବେଡ଼ ପାଖରେ ରହିଥିବା ଦେଖିବା ପାଇଁ ମିଳିଛି। ଏଭଳି ସ୍ଥିତିରେ ରୋଗୀଙ୍କ ପାଇଁ ଗାମୁଛା ବିଞ୍ଚଣା ହିଁ ଏକ ମାତ୍ର ସାହା ଭରଷା ପାଲଟିଛି। ସେପଟେ ପିଇବା ପାଣି ପାଇଁ ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ସଂପର୍କୀୟ ମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଶିଶୁ



ୱାର୍ଡ, ସର୍ଜରୀ ୱାର୍ଡ ଏବଂ ମେଡିସିନ ୱାର୍ଡ ରେ ଲୋ-ଭୋଲ୍ଟେଜ୍ ପାଇଁ ବୋରିଂ ପମ୍ପ ରୁ ପାଣି ଉଠିପାରୁନଥିବାରୁ ଅଚଳ ହୋଇପଡି ପଡିରହିଛି ।ପାଇବା ପାଣିର ଆକ୍ୱାଗାର୍ଡ। ସେପଟେ ଚିକିତ୍ସାଳୟ ଟଏଲେଟ୍ ରେ ପାଣି ନଥିବାରୁ ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ ବିଭିନ୍ନ ୱାର୍ଡ ର ରୋଗୀ ମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ ଯନ୍ତ୍ରଣା ଏବେ ରୋଗୀଙ୍କ ସମସ୍ୟାକୁ ଦୁଇ ଗୁଣିତ କରିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଲାଇଟ ମାଳା ମାଳା ଅନ୍ଧାର କଟିକିଟି ଭଳି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫ୍ୟାନ ଏବଂ ଏସି ମାଳା ମାଳା ଥିବା ବେଳେ ଲୋ-ଭୋଲ୍ଟେଜ୍ ଏବଂ ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ୱାର୍ଡ ରେ କାମ କରୁନି ଏସି ଏବଂ ଫ୍ୟାନ। ଅସହ୍ୟ ଗରମ ରେ ବେଡ଼ରେ ପଡି ଛଟପଟ ହେଉଛନ୍ତି ରୋଗୀ ଏବଂ ସମ୍ପର୍କୀୟ। ଦିନଯାକ ପ୍ରବଳ ରୌଦ୍ରତାପ ସହିତ ଅସହ୍ୟ ଗୁଳୁଗୁଳି ଏହା ସାଙ୍ଗକୁ ଦିନ ରାତି ବିଦ୍ୟୁତର ଲୁଚକାଳି ଖେଳ ଏବେ ଅଂଶୁଘାତଙ୍କୁ ଆମନ୍ତ୍ରଣ କରୁଛି।

# ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଙ୍କ ଦିନିକିଆ ଦେବଗଡ଼ ଗସ୍ତ



ଦେବଗଡ଼(ମହାଭାରତ):ଆଜି ରାଜ୍ୟ ସରକାରଙ୍କ ଦ୍ୱାରା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ ଦେବଗଡ଼ ଗ୍ରସ୍ତ ରେ ଆସି ବାରକୋଟ ବ୍ଲକ କଣ୍ଡଳ ଗ୍ରାମପଞ୍ଚାୟତ ବାଲିପୋଷି ହସ୍ତ ଶିଳ୍ପ ,ସମରଖାଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, କଳାମାଟି ବଣିଆ କିଲିଣ୍ଡା ଏଣ୍ଟର ପ୍ରାଇଜେଶ ବୁଲି ଦେଖିବା ସହ ସେମାନଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ ।ପରେ ପରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବିକାଶ ମୂଳକ ସରକାରୀ ଯୋଜନା ଓ ୨୦୨୬ - ୨୭ କାର୍ଯ୍ୟ ଖସଡା ପ୍ରସ୍ତୁତି ସମୀକ୍ଷା ବୈଠକ ରେ ଯୋଗଦେଇ ଜିଲ୍ଲା ପ୍ରଭାରୀ ମାନ୍ୟବର ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସରକାର ଶ୍ରୀଯୁକ୍ତ ପୂଜାରୀ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲା ସମୀକ୍ଷା ବୈଠକରେ ଶ୍ରୀ ପୂଜାରୀ କହିଥିଲେ ଦେବଗଡ଼ ଜିଲ୍ଲାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଶିକ୍ଷା ,ସ୍ୱାସ୍ଥ୍ୟ, ଗମନା ଗମନ,ପାନୀୟ ଜଳ , ନୂତନ ରାସ୍ତା ନିର୍ମାଣ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ପାନୀୟ ଜଳ, ଅନ୍ତରଦ୍ୱୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଲକ୍ଷ୍ୟପତି ଦିଦି, ଅଟଳ ପେନସନ ଯୋଜନା, ନୂତନ ରାସନ କାର୍ଡ ବଣ୍ଟନ, ସୁଭଦ୍ରା ଯୋଜନା, ହିତାଧିକାରୀ ମାନଙ୍କ ପାଇଁ ନୂତନ ରାସନ କାର୍ଡ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ଆଦିବାସୀ ଛାତ୍ରଛାତ୍ରୀ ପାଇଁ ଖେଳ ପଡିଆ, ଆଦିବାସୀ ପିଲାଙ୍କ ପାଇଁ ଛାତ୍ରୟବାସ, ଜଙ୍ଗଲ ଅଧିକାର, ନୂତନ ପ୍ରକଳ୍ପ ମଞ୍ଜୁର, ଛାତ୍ର ବୃତ୍ତି ବଣ୍ଟନ, ଉଦ୍ୟାନ କୃଷି କାର୍ଯ୍ୟାଳାପ, ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ, ପ୍ରଯୁକ୍ତି ବିଦ୍ୟା ର ପ୍ରଶିକ୍ଷଣ,ମୃତ୍ତିକା ସଂରକ୍ଷଣ ଓ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ,ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦିପ କୁମାର ସାହୁ ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ,ବନଖଣ୍ଡ ଅଧିକାରୀ ମିସ୍ ରଶ୍ମିଜି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରେଜ୍ ଚପରଦାର , ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ଜିଲ୍ଲା ସ୍ତରୀୟ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ସମ୍ମୁଖରେ ଲୋକେ ରଖିଲେ ସମସ୍ୟା, ମିଳିଲା ତୁରନ୍ତ ସହାୟତା

ନବରଙ୍ଗପୁର(ମହାଭାରତ) : ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଆଜି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବିଶେଷ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଶୁଣିଥିଲେ ।ଶିବିରରେ ମୋଟ ୧୧୯ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନେକ ହିତାଧିକାରୀଙ୍କୁ ମଧୁବାବୁ ପେନସନ କାର୍ଡ ପ୍ରଦାନ କରାଯାଇଥିବା ସହ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ଅନ୍ୟାନ୍ୟ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା ।ଶିବିର ସମୟରେ ଜିଲ୍ଲାପାଳ ଟିଫିନ ଖାଇବା ବେଳେ ସିଙ୍ଗଡାର ଗୁଣବ□। ନେଇ ସନ୍ଦେହ ପ୍ରକାଶ କରିଥିଲେ। ପରେ ସେହି ସିଙ୍ଗଡା କେଉଁ ହୋଟେଲରୁ ଆଣାଯାଇଛି ବୋଲି ଖୋଜଖବର ନେବା ପରେ ରାଇଘରର ବିଭିନ୍ନ ଟିଫିନ ଦୋକାନ ଓ ହୋଟେଲଗୁଡ଼ିକରେ ଯା□ କରାଯାଇଥିଲା। ଯାଞ୍ଚ ସମୟରେ କିଛି ଖାଦ୍ୟ ସାମଗ୍ରୀ ବାସି ଓ ଅସ୍ୱଚ୍ଛ ପରିସ୍ଥିତିରେ ସଂରକ୍ଷିତ ରହିଥିବା ଦେଖିବାକୁ ମିଳିଥିଲା ।ଏହାପରେ ସମ୍ପୃକ୍ତ ହୋଟେଲ ମାଲିକଙ୍କୁ କଡ଼ା ଚେତାବନୀ ଦିଆଯାଇଥିବା ସହ ଏକ ସପ୍ତାହ ମଧ୍ୟରେ ସ୍ଥିତି ସୁଧାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିସହିତ ୫ ହଜାର ଟଙ୍କା ଜରିମାନା ମଧ୍ୟ ଲାଗୁ କରାଯାଇଥିଲାୟ ଅନ୍ୟପଟେ ଗୋଟିଏ ହୋଟେଲରେ ବୈଧ ଲାଇସେନ୍ସ ନଥିବାରୁ ତାହାକୁ ସିଲ୍ କରାଯାଇଥିଲା ।ଜିଲ୍ଲାପାଳ କହିଥିଲେ ଯେ, ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଓ ସରକାରୀ ଯୋଜନାକୁ ଗ୍ରାମ ସ୍ତରରେ ପହଞ୍ଚାଇବା ପାଇଁ ଏପରି ଜନ ଶୁଣାଣି ଶିବିର ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଖାଦ୍ୟ ସୁରକ୍ଷା ନିୟମକୁ କଡ଼ାକଡ଼ିରେ ପାଳନ କରାଇବା ପାଇଁ ବ୍ଲକ ପ୍ରଶାସନ ଓ ଫୁଡ୍ ସେଫଟି ବିଭାଗ ପକ୍ଷରୁ ଆଗାମୀ ଦିନରେ ଅଧିକ ଯାଞ୍ଚ ଜାରି ରହିବ ବୋଲି ସୂଚନା ମିଳିଛି।

## କାର୍‌ରୁ ୨୩.୬ କେଜି ଗଞ୍ଜେଇ ଜବତ, ୩ ଗିରଫ




ଲକ୍ଷ୍ମୀପୁର,(ମହାଭାରତ): କୋରାପୁଟ ଜିଲ୍ଲାର କାକିରିଗୁମା ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ସନ୍ଦିଗ୍ଧ କାର୍କୁ ପିଛା କରି ବଡ଼ ସଫଳତା ହାସଲ କରିଛି। ଉକ୍ତ କାରରୁ୨୩ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ତିନିଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ କାକିରିଗୁମା ଥାନାର ଏଏସ୍ଆଇ ସୁରେନ୍ଦ୍ର କୁମାର ବସ୍ତିଆ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ଜାତୀୟ ରାଜପଥ-୩୨୬ରେ ପାଟ୍ରୋଲିଂ କରୁଥିବା ବେଳେ ମହାରାଷ୍ଟ୍ର ନମ୍ବର ବିଶିଷ୍ଟ ଏକ ମାରୁତି କାର୍ କୋରାପୁଟ ଅଭିମୁଖେ ଯାଉଥିବା ଦେଖିଥିଲେ। କାର୍ଟିର ଗତିବିଧି ସନ୍ଦେହଜନକ ଲାଗିବାରୁ ପୋଲିସ ଏହାକୁ ଅଟକାଇବା ପାଇଁ ସଙ୍କେତ ଦେଇଥିଲା। ମାତ୍ର ଚାଳକ ଗାଡ଼ି ନ ଅଟକାଇ ଦ୍ରୁତ ଗତିରେ ଫେରାର ହେବାକୁ ଚେଷ୍ଟା କରିଥିଲେ। ଏହାପରେ ପୋଲିସ କାର୍ଟିକୁ ପିଛା କରିଥିଲା। ପଳାୟନ ସମୟରେ ପଞ୍ଚଡ଼ା ବ୍ରିଜ୍ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୋଲିସ ଗାଡ଼ିରେ ଥିବା ତିନିଜଣଙ୍କୁ କାବୁ କରିବା ସହ କାର୍ଟିର ତଲାସି ନେଇଥିଲା। ତଲାସି ବେଳେ କାର୍ ଭିତରୁ ବହୁ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ପରେ ଲକ୍ଷ୍ମୀପୁର ଏସ୍ଡିପିଓ ମନୋଜ ବେହେରା, ଅତିରିକ୍ତ ତହସିଲଦାର ମାଧବ ଭତ୍ରା ଓ ଲକ୍ଷ୍ମୀପୁର ଥାନା ଅଧିକାରିଣୀ ସୁଜ୍ଞାନୀ ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଏହାର ମୋଟ ଓଜନ ୨୩ କେଜି ୬୦୦ ଗ୍ରାମ ହୋଇଥିବା ଜଣାପଡ଼ିଛି ପୋଲିସ ଗଞ୍ଜେଇ ଓ ବ୍ୟବହୃତ କାରକୁଜବତ କରିବା ସହ ଅଭିଯୁକ୍ତ ତିନିଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚାଲାଣ ପଛରେ କୌଣସି ବଡ଼ ଗଞ୍ଜେଇ କାରବାରୀ ନେଟୱାର୍କ କାର୍ଯ୍ୟ କରୁଛି କି ନାହିଁ, ସେ ନେଇ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ତେଲେଙ୍ଗେଶ୍ୱର କ୍ଲବର କର୍ମକର୍ତ୍ତା ଚୟନ

ବାଲିଚନ୍ଦ୍ରପୁର(ମହାଭାରତ): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚୟତ ଦେକୁଡ଼ି (ଚାନ୍ଦପୁର)ସ୍ଥିତ ତେଲେଙ୍ଗେଶ୍ୱର କ୍ଲବର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ୧୯୮୮ ମସିହା ପବିତ୍ର ନେତାଜୀ ଜୟନ୍ତୀ ଅବସରରେ ତେଲେଙ୍ଗେଶ୍ୱର କ୍ଲବ ସ୍ଥାପିତ ହୋଇଥିଲା। ଭାରତର ବରପୁତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିକଟରେ ସ୍ଥାପିତ ତେଲେଙ୍ଗେଶ୍ୱର ମହାଦେବଙ୍କ ନାମରେ ଏକ କ୍ଲବ ଗଠନ କରି ଦୀର୍ଘ ୩୮ ବର୍ଷ ହେଲା ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ କରିଆସୁଛନ୍ତି। ଗତ କାଲି ଏହି କ୍ଲବର ନୂତନ କର୍ମକର୍ତ୍ତା ଚୟନ ବୟୋଜ୍ୟେଷ୍ଠ ସମାଜସେବୀ ବଟକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଥିଲା। ଏଥିନିମନ୍ତେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୂର୍ଯ୍ୟ ପ୍ରସାଦ ଶତପଥି, ଉପସଭାପତି ଦୀଲ୍ଲିପ କୁମାର ଜେନା, ସମ୍ପାଦକ ସୁମନ୍ତ କୁମାର ପଢିଆରୀ, ସହସମ୍ପାଦକ ପ୍ରମୋଦ କୁମାର ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ରାଉତ ମନୋନିତ ହୋଇଥିଲେ। ଉକ୍ତ ବୈଠକରେ ପଣ୍ଡିତ ବୀର କିଶୋର ଦାଶ, କାର୍ତ୍ତିକ ଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ଦାଶ, ଦୂର୍ଗା ଚରଣ ରାଉତ, ପ୍ରମୋଦ କୁମାର ପାତ୍ର, ଶରତ ଚନ୍ଦ୍ର ପଢିହାରୀ, କାଳନ୍ଦି ଚରଣ ଜେନା, ମକର ଚନ୍ଦ୍ର ବେହେରା, ବିପିନ କୁମାର ବେହେରା, ପଦ୍ମଲୋଚନ ବେହେରା ପ୍ରମୁଖ ଗ୍ରାମବାସୀ ଯୋଗଦେଇଥିବା ବେଳେ ନୂତନ କର୍ମକର୍ତ୍ତା ମାନେ ଆଗାମୀ ଦିନରେ କ୍ଲବର ଉତ୍ତୋତ୍ତର ଉନ୍ନତି ସହ ପୂର୍ବଭଳି ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ଜାରିରଖିବେ ବୋଲି ମତ ପ୍ରକାଶ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର: ୫୭ଟି ଅଭିଯୋଗ ପତ୍ର ପଞ୍ଜିକୃତ

ଗଣିଆ,(ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ମୁଖ୍ୟାଳୟ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନସୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ନିଜ ନିଜର ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଆଜିର ଏହି ଜନସୁଣାଣୀରେ ସମୁଦାୟ ୫୭ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୬ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ରହିଥିଲା।

# ଚୋରା ଖଣିଜ ବୋଝେଇ ଟ୍ରକ ଜବତ,୩ଗିରଫ

ଯୋଡା, (ମହାଭାରତ) ଯୋଡା ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଖଣିଜ ବୋଝେଇ ଟ୍ରକ ନଂ ଓଡି ୦୯ ବି ୧୭୨୩ କୁଜବତ କରିବା ସହିତ ଏଥିରେ ସଂପୃକ୍ତ ୩ ଅଭିଯୁକ୍ତ ଙ୍କୁ ଧରି ପୋଲିସ ରେ ଜିମା ଦେଇଛି ।ଅଭିଯୁକ୍ତମାନେ ହେଲେ ବଡ଼ବିଲ ଅଞ୍ଚଳର ମାନସ ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗର ରଂଜନ କୁମାର ବିଶ୍ୱାସ ଓ ପଶ୍ଚିମବଙ୍ଗର ଧରମବୀର ସିଂ । ଏ ନେଇ ଯୋଡା ଥାନାରେ କେସ ନଂ ୧୮୬/୨୬ ଦଫା ୩୦୩(୨),୬୧(୨),୩(୫) ବି



ଏନ୍ ଏସ ରୁଜୁ ହୋଇ ଥିବା ପୋଲିସ ସୂଚନା ଦେଇଛି । ଜବତ ଟ୍ରକ୍ ପ୍ରାୟ ୩୦ ମେଟ୍ରିକ୍ ଟନ୍ ର ଉନ୍ନତ ମାନର ଲୁହାପଥର ବୋଝେଇ ହୋଇ ଥିବା ଓ ଏହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଖଣି ବିଭାଗ ସୂତ୍ରରୁ ଜଣାପଡିଛି ।ଖଣି ବିଭାଗ ସୂତ୍ରରୁ ଜଣାପଡିଛି ଯେ,ସୋମବାର ଭୋର୍ ସମୟରେ ଖଣ୍ଡବନ୍ଧ ଅଞ୍ଚଳରୁ ଉକ୍ତ ଟ୍ରକ୍ ରେ ଖଣିଜ ଚୋର ମାନେ ଚୋରା ଲୁହାପଥର ବୋଝେଇ କରି ଯୋଡା ସହର ର ଫ୍ଲାଏ ଓଭର ଦେଇ ଯାଉଥିବା ବେଳେ ଖଣି ବିଭାଗ ସୂତ୍ରରୁ ଖବର ପାଇ ଯୋଡା ଡି ଏ ଭି ସ୍କୁଲ ନିକଟରେ ଅଟକାଇ ଥିଲା । ଲୁହାପଥର ବୋଝେଇ ଟ୍ରକ କୁ ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ଥିଲା ।ଏହି ଚଢ଼ାଉରେ ଯୋଡା ଖଣି କାର୍ଯ୍ୟାଳୟର ଖଣି ଅଧିକାରୀ ଭକ୍ତ ବନ୍ଧୁ ପାତ୍ର,ପ୍ରଦୀପ କୁମାର ରାଉତ,ମହେନ୍ଦ୍ର କେରକେଟା,ପ୍ରଦୀପ କୁମାର ମହାନ୍ତ ଓ ଖଣି ବିଭାଗ ର ସ୍କ୍ୱାର୍ଡ ସାମିଲ ଥିବା ଯୋଡା ଖଣି ଉପ ନିର୍ଦ୍ଦେଶକ ବିଶ୍ୱରଂଜନ ସେଠୀ କହିଛନ୍ତି ।

# ନେତାନ୍ୟାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଶ୍ନବାଚୀ, ଦନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି

ଜେରୁଜେଲମ: ସୋମବାର ସନ୍ଧ୍ୟାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଜେରୁସାଲେମର ଏକ ମେଡିକାଲ୍ ସେଣ୍ଟରକୁ ନିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ ତାଙ୍କୁ ଦନ୍ତ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତଥାପି, ଚିକିତ୍ସାର ପ୍ରକୃତି କିମ୍ବା ଏହାର ଗମ୍ଭୀରତା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ। ହିବ୍ରୁ ଗଣମାଧ୍ୟମ ନେତାନ୍ୟାହୁଙ୍କୁ ହସ୍ପିଟାଲକୁ ନିଆଯାଇଛି ବୋଲି ରିପୋର୍ଟ କରିବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଘୋଷଣା କରିଛି। ୭୬ ବର୍ଷୀୟ ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପୂର୍ବରୁ ଅନେକ ପ୍ରଶ୍ନ ଉଠିଛି, ଏବଂ ତାଙ୍କ ଅବସ୍ଥା ନିରନ୍ତର ଆଲୋଚନାର ବିଷୟ ହୋଇ ରହିଛି। ଗତ ମାସରେ, ନେତାନ୍ୟାହୁ ସୋସିଆଲ ମିଡିଆରେ ଏକ ଲମ୍ବା ବାର୍ତ୍ତା ପୋଷ୍ଟ କରି ତାଙ୍କୁ ପ୍ରୋଷ୍ଟେଟ୍ କର୍କଟ ହୋଇଥିଲା ଏବଂ ଏହାର ସଫଳ ଚିକିତ୍ସା କରାଯାଇଥିବା ଘୋଷଣା କରିଥିଲେ। ସେ ହଦାସାହ



ହସ୍ପିଟାଲରେ ରେଡିଏସନ୍ ଥେରାପି କରିଥିଲେ। ସେ କହିଥିଲେ ଯେ, ସେ ଏହି ସୂଚନା ପୂର୍ବରୁ ପ୍ରକାଶ କରି ନଥିଲେ କାରଣ ସେ ଭୟ କରୁଥିଲେ ଯେ ଇରାନ ଏହାକୁ ଇସ୍ରାଏଲ ବିରୋଧରେ ପ୍ରଚାର ଭାବରେ ବ୍ୟବହାର କରିପାରେ।

ତେବେ ନେତାନ୍ୟାହୁ ସୀମିତ ସୂଚନା ସେୟାର କରିଥିଲେ। ସେ ପ୍ରକାଶ କରିନଥିଲେ ଯେ ତାଙ୍କର କେବେ ରୋଗ ଚିହ୍ନଟ ହୋଇଥିଲା, କେବେ ଚିକିତ୍ସା ଆରମ୍ଭ ହୋଇଥିଲା କିମ୍ବା କେବେ ଶେଷ ହୋଇଥିଲା। ସେ ତାଙ୍କର ବାର୍ଷିକ ସ୍ୱାସ୍ଥ୍ୟ ରିପୋର୍ଟ ଏବଂ ତାଙ୍କ କର୍କଟ ରୋଗ ସମ୍ବନ୍ଧୀୟ ଏକ ଡକ୍ୟୁମେଣ୍ଟ ମଧ୍ୟ ପ୍ରକାଶ କରିଥିଲେ। ତଥାପି, ରିପୋର୍ଟଟି ବହୁତ ସାଧାରଣ ଥିଲା, ଯେଉଁଥିରେ କେବଳ ସଂକ୍ଷିପ୍ତ ପଏଣ୍ଟ ଉଲ୍ଲେଖ ଥିଲା, ଏବଂ ରିପୋର୍ଟଟି କେଉଁ ବର୍ଷର ତାହା ସ୍ପଷ୍ଟ ନଥିଲା। ସେଥିରେ କୌଣସି ହସ୍ପିଟାଲର ନାମ କିମ୍ବା ସରକାରୀ ଡାକ୍ତରୀ ଡକ୍ୟୁମେଣ୍ଟ ଭଳି କିଛି ଅନ୍ତର୍ଭୁକ୍ତ ନଥିଲା। ନେତାନ୍ୟାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବରୁ ଅନେକ ଥର ଖବରରେ ରହିଛି। ୩ ବର୍ଷ ପୂର୍ବେ ଜୁଲାଇ ୨୦୨୩ରେ ତାଙ୍କର ପେସମେକର ପ୍ରତିରୋପଣ କରାଯାଇଥିଲା। ମାର୍ଚ୍ଚ ୨୦୨୪ରେ ତାଙ୍କର ହାର୍ନିଆ ଅସ୍ତ୍ରୋପଚାର କରାଯାଇଥିଲା। ତା'ପରେ ଡିସେମ୍ବର ୨୦୨୪ରେ ତାଙ୍କର ପ୍ରୋଷ୍ଟେଟ୍ ଅସ୍ତ୍ରୋପଚାର କରାଯାଇଥିଲା। ଯେତେବେଳେ ପେସମେକର ପ୍ରତିରୋପଣ କରାଯାଇଥିଲା, ପ୍ରାରମ୍ଭରେ ରିପୋର୍ଟ କରାଯାଇଥିଲା ଯେ ତାଙ୍କୁ ଡିହାଇଡ୍ରେସନ ଯୋଗୁଁ ଶେବା ମେଡିକାଲ ସେଣ୍ଟରରେ ଭର୍ତ୍ତି କରାଯାଇଥିଲା ଏବଂ ରାତିସାରା ତାଙ୍କୁ ନିରୀକ୍ଷଣରେ ରଖାଯାଇଥିଲା। ପରେ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା ଯେ ତାଙ୍କ ହାର୍ଟ ନିରୀକ୍ଷଣ ପାଇଁ ଏକ ଶିରାଭ୍ୟନ୍ତରୀଣ ହୃଦସ୍ପନ୍ଦନ ମନିଟର ଲଗାଯାଇଥିଲା। ଗୋଟିଏ ସପ୍ତାହ ପରେ, ଡାକ୍ତରମାନେ କହିଥିଲେ ଯେ ଏକ ଇସିଜି ପରୀକ୍ଷାରେ କିଛି ଅସ୍ୱାଭାବିକତା ଚିହ୍ନଟ ହୋଇଛି। କିନ୍ତୁ ସେମାନେ ଏହା ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ହାର୍ଟ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି।

# ଆଳୁ କିଲୋ ୨ ହଜାର ତ ପିଆଜ ୩ ହଜାର !

ନୂଆଦିଲ୍ଲୀ : ମହଙ୍ଗା ମାଡ଼ରେ ଘାଇଲା ହେଲେଣି ସାଧାରଣ ଲୋକେ । ଜରୁରୀ ସାମଗ୍ରୀର ଅହେତୁକ ଦରବୃଦ୍ଧି ଭାଙ୍ଗିଛି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ଆର୍ଥିକ ମେରୁଦଣ୍ଡ । ତେଲ, ଡାଲି, ଚାଉଳ ଏବଂ ନିତ୍ୟବ୍ୟବହାର୍ଯ୍ୟ ପନିପରିବା ଦାମ୍ ଏବେ ଆକାଶଛୁଆଁ। ଯାହାଦ୍ୱାରା ବିଗିଡିବାରେ ଲାଗିଛି ମାସିକ ବଜେଟ୍। ଲୋକଙ୍କ ରୋଜଗାର ସୀମିତ ଥିବା ବେଳେ ଖର୍ଚ୍ଚ ଦୁଇଗୁଣା ହେଉଥିବାରୁ ସମ୍ଭବ ହେଉନି ସଞ୍ଚୟ । ହେଲେ ସୋସିଆଲ ମିଡିଆରେ ଏବେ ଏକ ଲଗଜରୀ ଗ୍ରୋସରୀ ଷ୍ଟୋରର ଭିଡିଓ ଭାଇରାଲ ହୋଇଛି। ଯେଉଁଠି ପରିବା ଏବଂ ଫଳର ଦାମ୍ ଶୁଣିଲେ ନିହାତି ଚକିତ ହେବେ। ସେଠାରେ କେଜିଏ ଆଳୁର ଦାମ୍ ୨ ହଜାର ଟଙ୍କା ହୋଇଥିବା ବେଳେ ୧୨୦୦ ଟଙ୍କାରେ ବିକ୍ରି ହେଉଛି ପିଆଜ। ତେବେ ସେଠାକୁ କେବଳ ଦେଶର ସବୁଠାରୁ ନାମୀଦାମୀ ଏବଂ ଧନୀ ଲୋକମାନେ ହିଁ ସପିଂ କରିବାକୁ ଆସିଥାନ୍ତି। ମୁମ୍ବାଇରେ ଥିବା ଏହି ଗ୍ରୋସରୀ ଷ୍ଟୋରକୁ ଦେଶର ପ୍ରମୁଖ ଶିଳ୍ପପତି, ରାଜ କ୍ରିକେଟର ଏବଂ ବଲିଉଡ ସେଲିବ୍ରିଟିମାନେ ଆସିଥାନ୍ତି। ସେଠାରେ ମିଳୁଥିବା ଜିନିଷର ଦାମ୍ ଏତେ ଅଧିକ ଯେ ସାଧାରଣ ଲୋକଙ୍କ ପକ୍ଷରେ କିଣିବା ପ୍ରାୟ ଅସମ୍ଭବ। କୁହାଯାଏ ଯେ ଏଠାକାର ଗ୍ରାହକମାନେ ଦେଶର ସବୁଠାରୁ ଧନୀ ଏବଂ ହାଇ-ପ୍ରୋଫାଇଲ୍ ବ୍ୟକ୍ତି। ତେଣୁ ସେମାନେ ଭଲ କ୍ୱାଲିଟି ପାଇଁ ଯେ କୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ। ଭାଇରାଲ ଭିଡିଓରେ ବିଦେଶୀ ଓ ପ୍ରିମିୟମ୍ ପ୍ରଡକ୍ଟର ମସରୁମ୍, ଆଭୋକାଡ୍ ଓ ଅର୍ଗାନିକ୍ ପରିବା ରହିଛି। ଏହା ସାଧାରଣ ଦୋକାନ ତୁଳନାରେ ହଜାର ଗୁଣା ଅଧିକ। ଏଭଳି ସ୍ପେଶାଲ ପ୍ରିମିୟମ ସୁପରମାର୍କେଟ କେବଳ ହାଇ ପ୍ରୋଫାଇଲ ଏବଂ ସେଲିବ୍ରିଟିଙ୍କ ପାଇଁ ରହିଥାଏ। ଏହି ସୁପର ମାର୍କେଟରେ ମିଳୁଥିବା ପରିବା ସାଧାରଣତ ଭାରତରେ ଚାଷ କରାଯାଏନି। ତାହା ବିଦେଶରୁ ଆମଦାନୀ ହୋଇଥାଏ। ଏହାଛଡା ଏଥିରେ ନଥାଏ କେ?ଣସି ପ୍ରକାର ହାନିକାରକ ରାସାୟନିକ ପଦାର୍ଥ। ସାଧାରଣତ ଏଭଳି ଷ୍ଟୋର ଗୁଡିକର ଡିଜାଇନ୍ କର୍ପୋରେଟ୍ ହାଉସର ମାଲିକ ଓ ପ୍ରିମିୟମ ଡିମାଣ୍ଡ ହିସାବରେ କରାଯାଏ। ଭିଡିଓରେ ଦେଖିବାକୁ ମିଳୁଛି ଷ୍ଟୋରରେ ସ୍ପେନରୁ ଏବଂ ଫ୍ରାନ୍ସରୁ ଆସିଥିବା ପିଆଜ ମହଜୁଦ ଅଛି, ଯାହାର ମୂଲ୍ୟ ପ୍ରତି ୨୫୦ଗ୍ରାମ ପାଇଁ ୩୦୦ ରୁ ୫୦୦ ଟଙ୍କା ମଧ୍ୟରେ ରହିଛି। ଆଳୁର ଦାମ୍ କେଜିକୁ ପ୍ରାୟ ୨୦୦୦ ଟଙ୍କା ରହିଛି, ଯାହାକି ନେଦରଲ୍ୟାଣ୍ଡରୁ ଆସିଛି। ଦକ୍ଷିଣ ଆମେରିକାରୁ ଆସିଥିବା ମକା କେଜିଏର ଦାମ୍ ୪୦୦୦ ହଜାର ଟଙ୍କାରୁ ଅଧିକ। ଥାଇଲାଣ୍ଡରୁ ଆସିଥିବା ଲଙ୍କା ବି ରହିଛି କେଜି ୨୦୦୦ ଟଙ୍କା। ମରକୋରୁ ଆସିଥିବା ବେବି କ୍ୟାପସିକମ୍ ଦାମ୍ କେଜିକୁ ୫୦୦୦ ଟଙ୍କା ରହିଛି। ଥାଇଲାଣ୍ଡରୁ ଆସିଥିବା ଗୋଟିଏ ଛୋଟିଆ ଛତୁ ପ୍ୟାକେଟ୍ ମଧ୍ୟ ଏକ ହଜାର ଟଙ୍କା। ସେଭଳି ଅନ୍ୟାନ୍ୟ ରାସନ୍ ସାମଗ୍ରୀର ମୂଲ୍ୟ ମଧ୍ୟ ହଜାର ହଜାର ଟଙ୍କାରେ ରହିଛି, ଯାହାଦ୍ୱାରା ଏହି ଷ୍ଟୋରଟି କେ?ଣସି ଲଗଜରୀ ଶୋ'ରୁମ୍ ଭଳି ଦେଖାଯାଉଛି।

ଭିଡିଓଟି ଭାଇରାଲ ହେବା ମାତ୍ରେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ରିଆକ୍ସନ ଆସିବାରେ ଲାଗିଛି। ଅନେକ ୟୁଜର ଏହାକୁ 'ଧନୀଲୋକଙ୍କ ଭିନ୍ନ ଏକ ଦୁନିଆ' କହିଛନ୍ତି। ସେଭଳି ଆଉ କିଛି କହିଛନ୍ତି ଏହା ଅଯଥା ଖର୍ଚ୍ଚର ଏକ ଉଦାହରଣ। କିଛି ୟୁଜର ବି ଭିଡିଓର ସତ୍ୟତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ, ଭିଡିଓଟି ଅନଲାଇନରେ ଆଲୋଚନାର ଏକ ଚର୍ଚ୍ଚିତ ବିଷୟ ପାଲଟିଛି, ଯାହାକୁ ୟୁଜର ଖୁବ୍ ଅଧିକ ମାତ୍ରାରେ ସେୟାର ମଧ୍ୟ କରୁଛନ୍ତି।

## 'ଖରା ଛୁଟିରେ ଜେଜେବାପାଙ୍କ ସହ ସମୟ ବିତାଅ, ପ୍ଲାଷ୍ଟିକ ବ୍ୟବହାର କରନାହିଁ' ପିଲାମାନଙ୍କୁ ଏମିତି କହିଲେ ଯୋଗୀ

ଉତ୍ତରପ୍ରଦେଶରେ ସ୍କୁଲ ମାନଙ୍କରେ ଖରା ଛୁଟି ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ସ୍ୱତନ୍ତ୍ର ମେସେଜ ପଠାଇଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଖରାଛୁଟିକୁ ଉତ୍ପାଦନଶୀଳ ଏବଂ ସକାରାତ୍ମକ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରିଛନ୍ତି। ନୂତନ କୌଶଳ ଶିଖିବା ସହିତ, ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ସେମାନଙ୍କ ଜେଜେବାପାଙ୍କ ସହିତ ସମୟ ବିତାଇବାକୁ ଏବଂ



ଅବକାଶ ସମୟରେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଚିଠିଟି ସେୟାର କରି, ଆଦିତ୍ୟନାଥ ଛାତ୍ର ଏବଂ ଅଭିଭାବକମାନଙ୍କୁ ଗ୍ରୀଷ୍ମ ଛୁଟିକୁ ଉଚିତ ଢଙ୍ଗରେ ଉପଭୋଗ କରିବାକୁ ନିବେଦନ କରିଛନ୍ତି। ସେ ଆଲୋକପାତ କରିଥିଲେ ଯେ ଛୁଟି କେବଳ ଆରାମ ପାଇଁ ନୁହେଁ ବରଂ ପିଲାମାନଙ୍କୁ ନୂତନ ଆଗ୍ରହ ଅନୁସନ୍ଧାନ କରିବା ଏବଂ ପାରିବାରିକ ବନ୍ଧନକୁ ମଜବୁତ କରିବାର ସୁଯୋଗ ମଧ୍ୟ ପ୍ରଦାନ କରେ। ତାଙ୍କ ବାର୍ତ୍ତାରେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗ୍ରୀଷ୍ମ ଛୁଟି ପିଲାମାନଙ୍କୁ ଉତ୍ସାହ, ସୃଜନଶୀଳତା ଏବଂ ଶିକ୍ଷାରେ ପରିପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ସେ ଯୁବପିଢ଼ି ଏବଂ କିଶୋରମାନଙ୍କୁ ଏକ ନୂତନ ଭାଷା ଶିଖିବା କିମ୍ବା ଭବିଷ୍ୟତରେ ସେମାନଙ୍କୁ ସାହାଯ୍ୟ କରିପାରିବ ଏପରି ଏକ ନୂତନ କୌଶଳ ବିକାଶ କରି ସେମାନଙ୍କର ଖାଲି ସମୟର ସଦୁପଯୋଗ କରିବାକୁ ଉତ୍ସାହିତ କରିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଛୁଟି ସମୟରେ ସେମାନଙ୍କ ପିଲାମାନଙ୍କୁ ସେମାନଙ୍କ ମାତୃ ଏବଂ ଜେଜେବାପାଙ୍କୁ ଭେଟିବାକୁ ଅଭିଭାବକମାନଙ୍କୁ ମଧ୍ୟ ଅନୁରୋଧ କରିଥିଲେ। ସେ କହିଛନ୍ତି ଯେ ବୟସ୍କମାନଙ୍କ ସହିତ ସମୟ ବିତାଇବା ଦ୍ୱାରା ପିଲାମାନେ ପାରିବାରିକ ପରମ୍ପରା, ସାଂସ୍କୃତିକ ମୂଲ୍ୟବୋଧ ଏବଂ ଜୀବନ ଅଭିଜ୍ଞତାକୁ ଅଧିକ ନିକଟରୁ ବୁଝିପାରିବେ। ଏପରି ପରିଦର୍ଶନ, ସେ ପରାମର୍ଶ ଦେଇଛନ୍ତି, ଯୁବକମାନଙ୍କୁ ପରିବାର ସଦସ୍ୟଙ୍କ ସହିତ ଦୃଢ଼ ଭାବପ୍ରବଣ ସମ୍ପର୍କ ବିକଶିତ କରିବାରେ ସାହାଯ୍ୟ କରିପାରିବ ଏବଂ ବୟସ୍କମାନଙ୍କ ପ୍ରତି ସମ୍ପର୍କ ଏବଂ ସମ୍ମାନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଶିଖିପାରିବେ। ପରିବାରିକ ମୂଲ୍ୟବୋଧ ଏବଂ ଶିକ୍ଷା ବ୍ୟତୀତ, ମୁଖ୍ୟମନ୍ତ୍ରୀ ପରିବେଶ ସଚେତନତା ଉପରେ ଦୃଢ଼ ଗୁରୁତ୍ୱାରୋପ କରିଥିଲେ। ସେ ପିଲାମାନଙ୍କୁ ପ୍ରକୃତି ସହିତ ସଂଯୋଗ ସ୍ଥାପନ କରିବାରେ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ବୁଝିବାରେ ସାହାଯ୍ୟ କରିବାକୁ ପିତାମାତାଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରି, ଆଦିତ୍ୟନାଥ ଛୁଟିଗୁଡ଼ିକୁ 'ପ୍ଲାଷ୍ଟିକ୍-ମୁକ୍ତ' କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହି ବାର୍ତ୍ତା ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ପହଞ୍ଚାଇଛି । ଏହି ବର୍ଷର ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ଏହି ବାର୍ତ୍ତା ସମସ୍ତ ଛତ୍ରଛାତ୍ରୀମାନଙ୍କ ପାଇଁ ପ୍ରକୃତିକୁ ଆହୁରି ଭଲସେ ଜାଣିବାର ମାଧ୍ୟମ କୁହାଯାଉଛି ।

## ଭାରତ ଏବଂ କାନାଡା ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ନେଇ ସହମତି

ଓଟାଓ୍ୱା: ଭାରତ ଏବଂ କାନାଡା ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବାଣିଜ୍ୟକୁ ସୁଦୃଢ଼ ??କରିବା ପାଇଁ ସକାରାତ୍ମକ ସଙ୍କେତ ଦେଇଛନ୍ତି। ଉଭୟ ଦେଶର ଶୀର୍ଷ ନେତାମାନେ ଚଳିତ ବର୍ଷ ଶେଷ ସୁଦ୍ଧା ଦୀର୍ଘ ସମୟ ଧରି ଅଟକି ରହିଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା(ଏଫ୍?ଟିଏ) ଆଲୋଚନା ସମାପ୍ତ କରିବାକୁ ଆଶା ପ୍ରକାଶ କରିଛନ୍ତି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହିତ, ବାଣିଜ୍ୟ, ନିବେଶ ଏବଂ ବ୍ୟବସାୟିକ ସହଯୋଗକୁ ଦ୍ରୁତ ଗତିରେ ବିସ୍ତାର କରିବା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରଖିଛନ୍ତି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ଆହୁରି ମଜବୁତ କରିବ। ପ୍ରଧାନମନ୍ତ୍ରୀ ମାର୍କ କାର୍ନି ସୋସିଆଲ ମିଡିଆରେ କହିଛନ୍ତି ଯେ, ଭାରତ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି କାନାଡିୟ ଶ୍ରମିକ ଏବଂ ବ୍ୟବସାୟ ପାଇଁ ଏକ ଖେଳ ପରିବର୍ତ୍ତନକାରୀ ହେବ। ସେ କହିଛନ୍ତି ଯେ ଏହି ପ୍ରମୁଖ ଚୁକ୍ତି କାନାଡିୟ ବ୍ୟବସାୟ ପାଇଁ ଏକ ବିଶାଳ ଏବଂ ନୂତନ ବଜାର ଖୋଲିବ। ଦୁଇ ପକ୍ଷ ଆଲୋଚନାର ସାମଗ୍ରିକ ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ଶକ୍ତି, କୃଷି-ଖାଦ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷା ସମେତ ଅନେକ କ୍ଷେତ୍ରରେ ସହଯୋଗ ପାଇଁ ନୂତନ ସୁଯୋଗ ଚିହ୍ନଟ କରିଛନ୍ତି। ଏହି ନୂତନ ଚୁକ୍ତିନାମାକୁ ମିଶନ ମୋଡରେ ଚୂଡ଼ାନ୍ତ କରାଯାଉଛି।

ଭାରତର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ବର୍ତ୍ତମାନ କାନାଡାରେ ସବୁଠାରୁ ବଡ଼ ଭାରତୀୟ ବାଣିଜ୍ୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଉଛନ୍ତି। ସେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ଜଣାଇଛନ୍ତି। ଗୋୟଲ କହିଛନ୍ତି ଯେ କାର୍ନିଙ୍କ ଭାରତ ଗସ୍ତ ଭାରତ-କାନାଡା ସହଭାଗୀତାକୁ ସମ୍ପୂର୍ଣ୍ଣ ଭାବରେ ଏକ ନୂତନ ଗତି ଏବଂ ପୁନଃନିର୍ମାଣ ଆତ୍ମବିଶ୍ୱାସ ଦେଇଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ଆହୁରି ନିବିଡ଼ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଭାରତ ଏବଂ କାନାଡା ଯଥାଶୀଘ୍ର ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା ସମାପ୍ତ କରିବାକୁ ସମ୍ପୂର୍ଣ୍ଣ ଆଶାବାଦୀ। ଓଟାଓ୍ୱାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ, କାନାଡା ମନ୍ତ୍ରୀ ମନିନ୍ଦର ସିଦ୍ଧୁ ମଧ୍ୟ କହିଛନ୍ତି ଯେ, ସେମାନେ ଶୀଘ୍ର ଚୁକ୍ତିନାମା ସମାପ୍ତ କରିବା ଦିଗରେ ଆଗକୁ ବଢୁଛନ୍ତି। ମନୀନ୍ଦର ସିଦ୍ଧୁ ସ୍ପଷ୍ଟ ଭାବରେ କହିଥିଲେ ଯେ ସେ କାନାଡିୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସରକାର ଶୀଘ୍ର କାର୍ଯ୍ୟ କରିବେ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଦୁଇଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ସଫଳ ଏବଂ ସମାପ୍ତ ହୋଇଛି। କାନାଡା ଏହାର ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କୁ ବିବିଧ କରିବାକୁ ଚାହୁଁଛି ଏବଂ ପ୍ରାୟ ୩୦୦ ବିଲିୟନ ଡଲାର ମୂଲ୍ୟର ଅତିରିକ୍ତ ଅଣ-ଆମେରିକା ରପ୍ତାନି ପାଇଁ ନୂତନ ସୁଯୋଗ ଖୋଲିବାକୁ ଚାହୁଁଛି। ମନ୍ତ୍ରୀ ପୀୟୁଷ ଗୋୟଲ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ଦ୍ରୁତ ପୁନଃସ୍ଥାପିତ ସମ୍ପର୍କ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ଏକ ନୂତନ ଆରମ୍ଭ। ସେ କହିଛନ୍ତି ଯେ ଏହା ସମ୍ପର୍କକୁ ପରିବର୍ତ୍ତନ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ପ୍ରତିନିଧିତ୍ୱ କରୁଛି, ମିଶନ ମୋଡରେ ନୂତନ ଲକ୍ଷ୍ୟ ସ୍ଥିର କରାଯାଇଛି। ଉଭୟ ଦେଶର ପ୍ରଧାନମନ୍ତ୍ରୀ ସମସ୍ତ ଆଲୋଚନାକାରୀଙ୍କୁ ଚଳିତ ବର୍ଷ ଶେଷ ସୁଦ୍ଧା କିମ୍ବା ଶୀଘ୍ର ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉଭୟ ଦେଶ ୨୦୩୦ ସୁଦ୍ଧା ସେମାନଙ୍କର ଦ୍ୱିପାକ୍ଷିକ ବାଣିଜ୍ୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋୟଲ କହିଛନ୍ତି ଯେ, ସେମାନେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଏବଂ ପ୍ରଭାବଶାଳୀ ଫଳାଫଳ ପ୍ରଦାନ କରିବାକୁ ସକ୍ଷମ ଯାହା ବ୍ୟବସାୟ ଏବଂ ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ। କାନାଡା ଗସ୍ତ ସମୟରେ, ଗୋୟଲ ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ ମଧ୍ୟ କରିଛନ୍ତି ।

## ଗ୍ୟାସ୍ ବିସ୍ଫୋରଣରେ ଉଡିଲା ୩ ମହଲା ଘର

ଚଣ୍ଡିଗଡ : ଚଣ୍ଡିଗଡ଼ର ବୁରୈଲ ଗାଁର ଏକ ଘରେ ୩ଟି ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇଛି । ସିଲିଣ୍ଡର ବିସ୍ଫୋରଣ ଏତେ ମାତ୍ରାରେ ଥିଲା ଯେ ୩ ମହଲା ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏଥିସହ ଏହି ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସେମାନଙ୍କ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ଏହି ଘଟଣା ଗତକାଲି ଚଣ୍ଡିଗଡ଼ର ବୁରୈଲ ଗାଁରେ ଦେଖିବାକୁ ମିଳିଥିଲା । ଗୋଟିଏ ପରେ ଗୋଟିଏ ହୋଇ ଫାଟିଲା ୩ ଟି ସିଲିଣ୍ଡର । ଏହି ବିସ୍ଫୋରଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । ପ୍ରଥମେ ଗୋଟିଏ ବିସ୍ଫୋରଣ ହୋଇଥିଲା ହେଲେ ଲୋକମାନେ କିଛି ବୁଝିବା ପୂର୍ବରୁ ପୁଣି ଦୁଇଟି ବିସ୍ଫୋରଣ ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ଥାନୀୟ ପୋଲିସ, ଅଗ୍ନିଶମ ବିଭାଗ ଏବଂ ସିଆରପିଏଫର ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁତ ଚେଷ୍ଟା ପରେ, ଭଗ୍ନାବଶେଷ ତଳେ ଫସି ରହିଥିବା ପୀଡିତମାନଙ୍କୁ ବାହାର କରାଯାଇଥିଲା ଏବଂ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା । ଅଗ୍ନିଶମ କର୍ମଚାରୀମାନେ ବହୁତ ଚେଷ୍ଟା ପରେ ନିଆଁ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ତିନି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି ।

## ଧସିଲା ନିର୍ମାଣାଧୀନ କୂଅ, ୫ ଶ୍ରମିକ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ପନ୍ନା ଜିଲ୍ଲା ଅଜୟଗଡ ଥାନା ଅଞ୍ଚଳରେ ବଡ଼ ଅଘଟଣ । ଅଜୟଗଡ ଥାନା ଅନ୍ତର୍ଗତ ଗ୍ରାମ ବିହାରପୁରଓ୍ୱାରେ ନିର୍ମାଣାଧୀନ କୂଅ ଧସିବା ଯୋଗୁଁ ୫ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି । ସମସ୍ତ ଶ୍ରମିକ ଖୋଳା ହୋଇଥିବା କୂଅରୁ ବାଲି କାଢୁଥିଲେ। କିନ୍ତୁ ହଠାତ୍ ମାଟି ଧସିବା ଯୋଗୁଁ ସମସ୍ତେ ଏହା ତଳେ ଚାପି ହୋଇଯାଇଥିଲେ । ଘଟଣା ବିଷୟରେ ପ୍ରଶାସନ ଏବଂ ପୋଲିସ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଖବର ମୁତାବକ, ଅଜୟଗଡ ଥାନା ଅନ୍ତର୍ଗତ ଗ୍ରାମ ବିହାରପୁରଓ୍ୱାରେ ନିର୍ମାଣାଧୀନ କୂଅ ଧସିବା ଯୋଗୁଁ ୫ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି । ସମସ୍ତ ଶ୍ରମିକ ଖୋଳା ହୋଇଥିବା କୂଅରୁ ବାଲି କାଢୁଥିଲେ । ମାଟି ଧସିବା ଯୋଗୁଁ ସମସ୍ତେ ଚାପି ହୋଇଯାଇଥିଲେ । ପ୍ରଶାସନ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକ ଦବିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ତେବେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିଚୟ ମିଳିଛି। ମୃତକଙ୍କ ଭିତରେ ଚୁନ୍ନୁ ଯାଦବ, ରାମପାଲ ଯାଦବ, ରାଜକୁମାର ଯାଦବ, ଆଶୀଷ ଯାଦବ, ଚୁନବାଦ ପାଲ ରହିଛନ୍ତି । ସବୁ ଶ୍ରମିକ ଗୋଟିଏ ପରିବାରର ବୋଲି ଜଣାପଡିଛି । ଦୀର୍ଘ ଦିନରୁ କୂଅ ଖୋଳିବା କାମ ଏମାନେ କରୁଥିଲେ ।

## କାଶ୍ମୀର ମାମଲାରେ ଚୀନର ଏଣ୍ଟ୍ରି

ନୂଆଦିଲ୍ଲୀ : ଚୀନ ପୁଣି ଥରେ ନିଜର ସୀମା ଅତିକ୍ରମ କରିଛି। ନିକଟରେ ଚୀନ ପାକିସ୍ତାନ ସହ ଏକ ମିଳିତ ବିବୃତ୍ତି ଜାରି କରି ଜମ୍ମୁ-କାଶ୍ମୀରର ପ୍ରସଙ୍ଗରେ ଟିପ୍ପଣୀ କରିଛି। ଏହି ବିବୃତ୍ତି ସିଧାସଳଖ ଭାରତର ସାର୍ବଭୌମତ୍ୱ ସହ ଜଡ଼ିତ ଏବଂ ଚୀନ ଭାରତକୁ ଉସୁକାଇବାକୁ ଚେଷ୍ଟା କରୁଛି। ପ୍ରକୃତ କଥା ହେଲା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶହବାଜ ସରିଫ ଓ ଫିଲ୍ଡ ମାର୍ଶଲ ଆସିମ ମୁନିର ଚୀନରେ ପହଞ୍ଚିଛନ୍ତି। ଏହି ନେତା ଦ୍ୱୟଙ୍କ ସହ ବୈଠକ ପରେ ଚୀନ ପକ୍ଷରୁ ଉକ୍ତ ବିବୃତ୍ତି ଆସିଛି। ଶହବାଜ ସରିଫଙ୍କ ବେଜିଂ ଯାତ୍ରା ବେଳେ ଜାରି ଏକ ମିଳିତ ବିବୃତ୍ତିରେ ଚୀନ ପୁଣି ଥରେ ପାକିସ୍ତାନର ସ୍ୱର ସହ ସ୍ୱର ମିଳାଇଛି, କାଶ୍ମୀର ପ୍ରସଙ୍ଗକୁ ମିଳିତ ରାଷ୍ଟ୍ରର ପ୍ରସ୍ତାବ ଅନୁସାରେ ସମାଧାନ କରିବା କଥା କହିଛି।

## ମୋଦି ଓ ଶାହଙ୍କୁ ଦେଶଦ୍ରୋହୀ କହି ଅଡୁଆରେ ରାହୁଲ

ପୁଣି ବଢ଼ିଲା ରାହୁଲଙ୍କ ଅଡୁଆରେ । ମୋଦି ଓ ଶାହଙ୍କୁ ଦେଶଦ୍ରୋହୀ କହି ଅଡୁଆରେ ରାହୁଲ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ରାୟବରେଲି ଦେଓ୍ୱାନୀ ଅଦାଲତରେ ମାମଲା ରୁଜୁ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ରାହୁଲ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି । ଶକିଲ୍ ଅହମ୍ମଦ ନାମକ ଜଣେ ବ୍ୟକ୍ତି ଏହି ଅଭିଯୋଗ ଆଣିଛନ୍ତି । ନିଜ ନିର୍ବାଚନ ମଣ୍ଡଳୀ ରାୟବରେଲି ଗସ୍ତ ବେଳେ ରାହୁଲ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ 'ଦେଶଦ୍ରୋହୀ' ଓ 'ନୌଟଙ୍କି' କହି କଟାକ୍ଷ କରିଥିବା ଅଭିଯୋଗ ହୋଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୧୫ ତାରିଖରେ ହେବ । ରାହୁଲଙ୍କ ଦେଶଦ୍ରୋହୀ ହି ମନ୍ତବ୍ୟକୁ ନେଇ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀର ଏକ ଥାନାରେ ମଧ୍ୟ ଏଫଆଇଆର ରୁଜୁ ପାଇଁ ଦାବି ହୋଇଛି ।

# ହର୍ମୁଜ୍ ସଙ୍କଟକୁ ଦୂର କରିବା ଉପାୟ ବାହାର କଲା କାଜାଖସ୍ତାନ

ଆସ୍ତାନା: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଏବଂ ହର୍ମୁଜ୍ ସଙ୍କଟ ଜାରି ମଧ୍ୟରେ, କାଜାଖସ୍ତାନ ଏସିଆ ଏବଂ ୟୁରୋପ ମଧ୍ୟରେ ଏକ ନୂତନ ମାର୍ଗ ନିର୍ମାଣ କରୁଛି। ଚୀନରୁ ୟୁରୋପକୁ ସାମଗ୍ରୀର ଦ୍ରୁତ ଏବଂ ସୁରକ୍ଷିତ ପରିବହନ ସୁନିଶ୍ଚିତ କରିବା ପାଇଁ ଦେଶ ପ୍ରାୟ ୧୦ ବିଲିୟନ ଡଲାର ଏକ ରେଳ ନେଟଓ୍ୱାର୍କରେ ଖର୍ଚ୍ଚ କରୁଛି। କାଜାଖସ୍ତାନର ସରକାରୀ ରେଳ କମ୍ପାନି କାଜାଖସ୍ତାନ ଟେମିର ଝୋଲିର ସିଇଓ ତାଲଗାଟ୍ ଆଲଡିବର୍ଗେନୋଭ କହିଛନ୍ତି ଯେ, ହର୍ମୁଜ୍ ସଙ୍କଟ ବୃଦ୍ଧି ପାଇବା ପରଠାରୁ, ଚୀନ୍ କମ୍ପାନିଗୁଡ଼ିକ ସମୁଦ୍ର ପରିବର୍ତ୍ତେ ସ୍ଥଳପଥରେ ସାମଗ୍ରୀ ପରିବହନ କରିବାକୁ ଆଗ୍ରହୀ ହେଉଛନ୍ତି। ରେଳ ଅଧିକ ନିର୍ଭରଯୋଗ୍ୟ ଏବଂ ସମୟୋଚିତ ବିତରଣ ସମୟ ପ୍ରଦାନ କରିଥାଏ। ଏହି ଲକ୍ଷ୍ୟରେ, କାଜାଖସ୍ତାନ ମଧ୍ୟମ କରିଡର କିମ୍ବା




ଟ୍ରାନ୍ସ-କାସ୍ପିଆନ୍ ଅନ୍ତର୍ଜାତୀୟ ପରିବହନ ମାର୍ଗ (ଟିଆଇଟିଆର)କୁ ଦ୍ରୁତ ଗତିରେ ବିସ୍ତାର କରୁଛି। ଏହି ମାର୍ଗ ଚୀନ୍‌କୁ ୟୁରୋପ ସହିତ ସଂଯୋଗ କରିବ। ଏହା କାଜାଖସ୍ତାନ, କାସ୍ପିଆନ୍ ସାଗର, ଆଜରବାଇଜାନ, ଜର୍ଜିଆ ଏବଂ ତୁର୍କୀ ଦେଇ ଯିବ। ତୁର୍କୀର ବନ୍ଦର ଦେଇ, ଏହି ମାର୍ଗ ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ଏବଂ ଭୂମଧ୍ୟସାଗରକୁ ମଧ୍ୟ ସଂଯୋଗ କରିବ। ସମଗ୍ର କରିଡରଟି ୪,୨୫୦ କିଲୋମିଟରରୁ ଅଧିକ ଲମ୍ବା। ଏଥିରେ ୫୦୦ କିଲୋମିଟରର ସମୁଦ୍ର ପଥ ଅନ୍ତର୍ଭୁକ୍ତ। ଏହି ରାସ୍ତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁବିଧା ହେଉଛି ଯେ, ସମୁଦ୍ର ପଥ ଅପେକ୍ଷା ପ୍ରାୟ ୧୫ ଦିନ ପୂର୍ବରୁ ସାମଗ୍ରୀ ଆସିପାରିବ।

ସମ୍ପ୍ରତି, କାଜାଖସ୍ତାନ ଏବଂ ୟୁରୋପୀୟ ସଂଘର ଅଧିକାରୀମାନେ ମଧ୍ୟ କରିଡରକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜଧାନୀ ଆସ୍ତାନାରେ ବୈଠକ କରିଥିଲେ। ବିଶ୍ୱରେ ବଢୁଥିବା ଉତ୍ତେଜନା ଏବଂ ଯୁଦ୍ଧ ଭଳି ପରିସ୍ଥିତି ଯୋଗୁଁ ଉଭୟ ପକ୍ଷ ଦ୍ରୁତ, ସୁରକ୍ଷିତ ଏବଂ ରାଜନୈତିକ ଭାବରେ ସ୍ଥିର ବାଣିଜ୍ୟ ମାର୍ଗର ଆବଶ୍ୟକତାକୁ ସ୍ୱୀକାର କରିଥିଲେ। ବୈଠକରେ କାସ୍ପିଆନ ସାଗର ଅଞ୍ଚଳରେ କଣ୍ଟେନର ପରିବହନ ବୃଦ୍ଧି, ରେଳ ନେଟଓ୍ୱାର୍କକୁ ସୁଦୃଢ଼ କରିବା ଏବଂ ଭିତ୍ତିଭୂମି ଉନ୍ନତ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। କାଜାଖସ୍ତାନ କହିଛି ଯେ, ଆକତାଉ ବନ୍ଦର ଏକ ପ୍ରମୁଖ ଆଧୁନିକୀକରଣ ପ୍ରକଳ୍ପ ଅଧୀନରେ ରହିଛି, ଯାହାକୁ ୟୁରୋପୀୟ ସଂଘ ଏବଂ ୟୁରୋପୀୟ ପୁନର୍ଗଠନ ଏବଂ ବିକାଶ ବ୍ୟାଙ୍କ (ଇବିଆରଡି) ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଛି। କାର୍ଗୋ ପରିବହନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କାସ୍ପିଆନ ସାଗରରେ ନୂତନ ଜାହାଜ ଏବଂ ଫେରି ସେବାକୁ ବିସ୍ତାର କରିବା ପାଇଁ ମଧ୍ୟ ଯୋଜନା ଚାଲିଛି। ରେଳ ନେଟଓ୍ୱାର୍କକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଚାଲିଛି। ମେ' ମାସର ଆରମ୍ଭରେ, କାଜାଖସ୍ତାନରେ ଆଲଟିଙ୍କୋଲ-ଜେଟିଜେନ ରେଳ ସେକ୍ସନର ଆଧୁନିକୀକରଣ ସମାପ୍ତ ହୋଇଥିଲା। ଏହି ପ୍ରକଳ୍ପରେ ୨୯୩ କିଲୋମିଟର ରେଳ ଲାଇନକୁ ଉନ୍ନତ କରାଯାଇଥିଲା ଏବଂ ପାଞ୍ଚଟି ନୂତନ ଷ୍ଟେସନ ଏବଂ ସାତଟି ପୁନଃନିର୍ମାଣ ଷ୍ଟେସନ ସମେତ ମୋଟ ୧୨ଟି ଷ୍ଟେସନ ଯୋଡା ଯାଇଥିଲା। କାଜାଖସ୍ତାନ ବର୍ତ୍ତମାନ ସାରା ଦେଶରେ ପ୍ରାୟ ୩,୦୦୦ କିଲୋମିଟର ରେଳ ନେଟଓ୍ୱାର୍କକୁ ଆଧୁନିକୀକରଣ କରୁଛି। ଏଥିମଧ୍ୟରୁ ୯୦୦ କିଲୋମିଟର ସମ୍ପୂର୍ଣ୍ଣ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଦେଶରେ ପରିବହନ କାର୍ଗୋ ଦ୍ୱିଗୁଣିତ ହୋଇଛି। ୨୦୨୪ ରେ ଏହା ୨୭.୪ ନିୟୁତ ଟନ୍‌ରେ ପହଞ୍ଚିଥିଲା। କାଜାଖସ୍ତାନ ଆଶା କରୁଛି ଯେ ଏହା ୨୦୨୬ ସୁଦ୍ଧା ୫୪ ନିୟୁତ ଟନ୍ ଏବଂ ୨୦୨୯ ସୁଦ୍ଧା ୬୭ ନିୟୁତ ଟନ୍ ହେବ।

# ପଦ୍ମଶ୍ରୀ ଗ୍ରହଣ କଲେ ହର୍‌ମନ୍‌ପ୍ରୀତ କୌର

ନୂଆଦିଲ୍ଲୀ, ୨୬/୦୫; ରାଷ୍ଟ୍ରପତି ଭବନରେ ଗଣତନ୍ତ୍ର ମଣ୍ଡପରେ ସୋମବାର ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି । ଏଥିରେ ୨ଟି ପଦ୍ମବିଭୂଷଣ, ୬ଟି ପଦ୍ମଭୂଷଣ ଏବଂ ୫୮ଟି ପଦ୍ମଶ୍ରୀ ପୁରସ୍କାର ଅନ୍ତର୍ଭୁକ୍ତ ରହିଛି । ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ସମ୍ମାନ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। ଗତବର୍ଷ ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱରେ ଐତିହାସିକ ଆଇସିସି ମହିଳା ଦିନିକିଆ ବିଶ୍ୱକପ ଜିତିଥିଲା ଭାରତ । ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇ ଇତିହାସ ରଚିଛନ୍ତି ହର୍‌ମନ୍‌ପ୍ରୀତ କୌର । ତାଙ୍କର ଏହି ସଫଳତାକୁ ସେଲିବ୍ରେଟ୍ କରିଥିଲା ଟିମ୍ ଇଣ୍ଡିଆ । ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ ପାଇଁ ଇଂଲଣ୍ଡରେ ଥିବା ଟିମ୍ ଇଣ୍ଡିଆ ସମ୍ମାନ ସମାରୋହ ଲାଇଭ୍ ଦେଖିଥିଲେ ଏବଂ କରତାଳି



ମାଳି ହର୍‌ମନ୍‌ପ୍ରୀତଙ୍କୁ ସେମାନଙ୍କ କ୍ୟାପ୍‌ଟେନ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କ ନାମରେ ଏବେ ଆଉ ଏକ ବଡ଼ ସଫଳତା ଯୋଡ଼ି ହୋଇଛି । ଭାରତୀୟ କ୍ରିକେଟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଟିମ୍ ଇଣ୍ଡିଆକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସମ୍ମାନ ଗ୍ରହଣ କରିଥିବା ହରମନପ୍ରୀତ ପାରମ୍ପରିକ ଲୁକରେ ନଜର ଆସିଥିଲେ । କ୍ରିମ୍ ରଙ୍ଗର ସୁଟ୍ ପିନ୍ଧିଥିଲେ କୌର । ପଦ୍ମଶ୍ରୀ ସମ୍ମାନ ମିଳିବା ପରେ ସେ କହିଛନ୍ତି, '' ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ । ମୁଁ ଏହି ସମ୍ମାନ ଏବଂ ମହିଳା କ୍ରିକେଟକୁ ନିରନ୍ତର ସମର୍ଥନ ପାଇଁ ରାଷ୍ଟ୍ରପତି, ଭାରତ ସରକାର, ଭାରତୀୟ କ୍ରୀଡା ପ୍ରାଧିକରଣ, ବିସିସିଆଇ ଏବଂ ଭାରତୀୟ କ୍ରିକେଟ ସହିତ ଜଡିତ ସମସ୍ତଙ୍କୁ ହୃଦୟର ସହିତ ଧନ୍ୟବାଦ ଜଣାଇବାକୁ ଚାହୁଁଛି । '' ଚଳିତବର୍ଷ ହରମନପ୍ରୀତଙ୍କ ସମେତ ୯ ଜଣ କ୍ରୀଡାବିତଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଥିଲା । ପାରା ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହାଇଜମ୍ପର ପ୍ରବୀଣ କୁମାର ମଧ୍ୟ ପୁରସ୍କାର ଗ୍ରହଣ କରିଥିଲେ । ଅନ୍ୟତମ ଭାରତୀୟ ତାରକା କ୍ରିକେଟ ରୋହିତ ଶର୍ମା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ସେ ପରବର୍ତ୍ତୀ ପର୍ଯ୍ୟାୟେ ପୁରସ୍କାର ଗ୍ରହଣ କରିବେ ବୋଲି କୁହାଯାଉଛି । ପଦ୍ମସମାରୋହ ଉତ୍ସବରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସର୍ବପ୍ରଥମେ ଦିବଂଗତ ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ରଙ୍କୁ ପଦ୍ମବିଭୂଷଣ (ମରଣୋତ୍ତର)ରେ ସମ୍ମାନିତ କରାଯାଇଥିଲା । ଅଭିନେତ୍ରୀ ତଥା ଧର୍ମେନ୍ଦ୍ରଙ୍କ ପତ୍ନୀ ହେମା ମାଳିନୀ ଏହାକୁ ଗ୍ରହଣ କରିଥିଲେ ।

### ରାଜ୍ୟଗୋଷ୍ଠୀ ଚେସ୍ ରନର୍ ଅପ୍

# ସାତ୍ତ୍ୱିକଙ୍କୁ ରୌପ୍ୟ ସହ ୩ ପଦକ

ଭୁବନେଶ୍ୱର: ଓଡିଶାରେ ଚେସ୍ ମହୋତ୍ସବ ଚାଲିଥିବାବେଳେ ଶ୍ରୀଲଙ୍କାରୁ ରାଜ୍ୟ ଖେଳ ଦୁନିଆ ପାଇଁ ଆସିଛି ବଡ ଖବର। ଉଦୀୟମାନ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଗୋଟିଏ ରେପ୍ୟ ପଦକ ସହ ୩ ପଦକ ଜିତି ରାଜ୍ୟ ତାଥା ଦେଶ ପାଇଁ ଗେରବ ଆଣିଛନ୍ତି। ୧୦ ବର୍ଷରୁ କମ୍ ଓପନ୍ ବର୍ଗରେ ସାତ୍ତ୍ୱିକ ରନର୍ ଅପ୍ ହୋଇ ରେପ୍ୟ ପଦକ ପାଇଥିଲେ। ରାପିଡ୍ ଓ ବ୍ଲିଜ୍ ବିଭାଗରେ ତୃତୀୟ ସ୍ଥାନ ଦଖଲ କରି ଆଉ ଦୁଇଟି କାଂସ୍ୟ ପଦକ ହାସଲ କରିଥିଲେ। ସୋମବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ୧୧ ସ୍ୱର୍ଣ୍ଣ ସହ ୨୨ ପଦକ ଜିତିଛନ୍ତି। ଭାରତୀୟ ଦଳର ପ୍ରଶିକ୍ଷକ ଭାବେ ଓଡିଶା ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ଶ୍ରୀଲଙ୍କା ଗସ୍ତ କରିଥିବାରୁ ରାଜ୍ୟ ଚେସ୍ ଦୁନିଆର ଖୁସି ଦୁଇଗୁଣା ହୋଇଯାଇଛି। ଉଭୟଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି।





ଗତ ଏକ ସପ୍ତାହ ଧରି ଚାଲିଥିବା ଏହି ପ୍ରତିଯୋଗିତାର ୧୦ ବର୍ଷରୁ କମ୍ ଓପନ୍ ବର୍ଗରେ ଦୁଇ ଭାରତୀୟ ବାଳକ ସାତ୍ତ୍ୱିକ ଏବଂ ଅମିଧାନ ଏସ୍ ତମିଜ ୯ ରାଉଣ୍ଡ୍‌ରୁ ସମାନ ୮.୫ ପଏଣ୍ଟ୍ ପାଇଥିଲେ। ବୁକହୋଲ୍‌ଜ ସ୍କୋରିଂରେ କିନ୍ତୁ ଶୀର୍ଷମାନ୍ୟତାପ୍ରାପ୍ତ ସାତ୍ତ୍ୱିକ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭୁବନେଶ୍ୱର କିଙ୍ଗ୍ ଚେସ୍ ସେଣ୍ଟର୍‌ରୁ ବିଶ୍ୱଜିତ ରାୟଙ୍କ ଅଧୀନରେ ଖେଳ ଜୀବନ ଆରମ୍ଭ କରିଥିଲେ। ବିଶ୍ୱ ପ୍ରତିଯୋଗିତାରେ କ୍ରମାଗତ ଭାବେ ଚମକ ଛାଡି ସମସ୍ତଙ୍କ ନଜରକୁ ଆସିଥିଲେ। ସାତ୍ତ୍ୱିକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାତ୍ତ୍ୱିକଙ୍କୁ ରାଜ୍ୟ ଓ ଜିଲ୍ଲା ସଂଘର କର୍ମକର୍ତାଙ୍କ ସହିତ ଟ୍ରିପଲ୍ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡା ଏବଂ ପ୍ରଶିକ୍ଷକ ପ୍ରଶାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ପଦ୍ମଶ୍ରୀ ନେବାକୁ ଆସିଲେନି ରୋହିତ

ନୂଆଦିଲ୍ଲୀ, ୨୬।୫: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ ଷ୍ଟାର ବ୍ୟାଟସମ୍ୟାନ ରୋହିତ ଶର୍ମା ୨୫ ମଇରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପଦ୍ମଶ୍ରୀ ପଦାର୍ପଣ ଉତ୍ସବରେ ଯୋଗ ଦେଇ ନଥିଲେ। ରୋହିତଙ୍କ ଅନୁପସ୍ଥିତି ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଚଳିତ ବର୍ଷ ଆରମ୍ଭରେ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନର ପ୍ରାପ୍ତକର୍ତ୍ତା ଭାବରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ଫଳସ୍ୱରୂପ, ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ସମାରୋହରେ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ ବୋଲି ଆଶା କରାଯାଉଛି।





ଭାରତ ସରକାର ଭାରତୀୟ କ୍ରିକେଟରେ ତାଙ୍କ ଅବଦାନ, ତାଙ୍କ ନେତୃତ୍ୱ ସଫଳତା ଏବଂ ଅନ୍ତର୍ଜାତୀୟ ସ୍ତରରେ ଜାତୀୟ ଦଳ ସହିତ ହାସଲ କରିଥିବା ସଫଳତାକୁ ସ୍ୱୀକୃତି ଦେଇ ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌରଙ୍କ ସହିତ ରୋହିତଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ। ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର ଇଂଲଣ୍ଡରେ ଭାରତୀୟ ମହିଳା ଦଳର ଚାଲିଥିବା ବିଶ୍ୱକପ ପ୍ରସ୍ତୁତିରୁ ସମୟ ବାହାର କରି ଉତ୍ସବରେ ଯୋଗ ଦେଇଥିଲେ ଏବଂ ଏହି ଅବସରରେ ଦେଶରେ ରହିଥିଲେ, କିନ୍ତୁ କାର୍ଯ୍ୟସୂଚୀ ଦ୍ୱନ୍ଦ୍ୱ ଯୋଗୁ ରୋହିତ ତାଙ୍କ ପୁରସ୍କାର ଗ୍ରହଣ କରିବାକୁ ଯୋଗ ଦେଇପାରି ନଥିଲେ।

ଏହା ଉଲ୍ଲେଖନୀୟ ଯେ ପାରମ୍ପରିକ ଭାବରେ ରାଷ୍ଟ୍ରପତି ଭବନରେ କିଛି ସପ୍ତାହ ଧରି ଅନୁଷ୍ଠିତ ପୃଥକ ସମାରୋହରେ ପଦ୍ମ ପୁରସ୍କାର ପ୍ରଦାନ କରାଯାଏ, ଯେଉଁଠାରେ ପୁରସ୍କାର ବିଜେତାମାନଙ୍କୁ ବିଭିନ୍ନ ବ୍ୟାଚରେ ବିଭକ୍ତ କରାଯାଇଥାଏ। ଏବେ ଆଶା କରାଯାଉଛି ଯେ ରୋହିତ ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଦ୍ୱିତୀୟ ସମାରୋହରେ ଆନୁଷ୍ଠାନିକ ଭାବରେ ତାଙ୍କର ପୁରସ୍କାର ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ରୋହିତ ଶର୍ମାଙ୍କ ଉପସ୍ଥିତିକୁ ପ୍ରଶଂସକମାନେ ଆଶା କରିଥିଲେ, କାରଣ ଏହି ବର୍ଷ ଗଣତନ୍ତ୍ର ଦିବସରେ ଘୋଷିତ ପଦ୍ମଶ୍ରୀ ପୁରସ୍କାର ବିଜେତାଙ୍କ ମଧ୍ୟରେ ତାଙ୍କ ନାମ ପ୍ରମୁଖ ଭାବରେ ସ୍ଥାନ ପାଇଛି।

ଏହା ବ୍ୟତୀତ, ଆଉ ଏକ କାରଣ ଥିଲା ଯେ ରୋହିତ ଶର୍ମା ମେ ୨୫ ପାଇଁ ଆବଣ୍ଟିତ ନିର୍ଦ୍ଦିଷ୍ଟ ବ୍ୟାଚର ଅଂଶ ନଥିଲେ; କିନ୍ତୁ, ଯେତେବେଳେ ପ୍ରଶଂସକମାନେ ପୁରସ୍କାର ଉତ୍ସବରେ ତାଙ୍କର ଅନୁପସ୍ଥିତି ଦେଖିଲେ, ଏହା ଅନଲାଇନରେ ଏକ ଆଲୋଚନା ଆରମ୍ଭ କରିଥିଲା, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଯେ ରୋହିତ କାହିଁକି ରାଷ୍ଟ୍ରପତି ଭବନରେ ଅନ୍ୟ ପୁରସ୍କାର ବିଜେତାଙ୍କ ସହ ଦେଖାଦେଲେ ନାହିଁ। ପଦ୍ମ ପୁରସ୍କାର ସମାରୋହ ସାଧାରଣତଃ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୁଏ, ଏବଂ ଅନେକ ପୁରସ୍କାର ବିଜେତା ସେମାନଙ୍କ ବ୍ୟକ୍ତିଗତ କାର୍ଯ୍ୟସୂଚୀ ଏବଂ ସରକାରଙ୍କ ଆବଣ୍ଟନ ଉପରେ ନିର୍ଭର କରି ପରବର୍ତ୍ତୀ ସମାରୋହ ସମୟରେ ସେମାନଙ୍କର ସମ୍ମାନ ଗ୍ରହଣ କରନ୍ତି।

## ପେପରରେ ନମ୍ବର ଲେଖି ଚିୟରଗର୍ଲଙ୍କ ଉପରକୁ ଫୋପାଡ଼ିଲେ ଫ୍ୟାନ୍ସ

ନୂଆଦିଲ୍ଲୀ: ସୋସିଆଲ ମିଡିଆରେ ଏବେ ଏକ ଭିଡିଓ ବେଶ ଭାଇରାଲ ହେବାରେ ଲାଗିଛି । ଆଇପିଏଲ ମ୍ୟାଚ ସମୟର ଭିଡିଓକୁ ନେଇ ୟୁଜର୍ସମାନେ ବିଭିନ୍ନ କମେଣ୍ଟମାନ ଦେଉଛନ୍ତି । ତେବେ ଏହି ଭାଇରାଲ ଭିଡିଓରେ ଚିୟରଗର୍ଲ ରାଗୁଥିବା ଦେଖାଯାଉଛନ୍ତି । ତେବେ ଏହା ପଛର କାରଣ ହେଉଛି ଫ୍ୟାନ୍ସ ତାଙ୍କ ଉପରକୁ କାଗଜ ଫୋପାଡ଼ିଛନ୍ତି । ଆଉ ଏଥିରେ ନମ୍ବର ଲେଖି ଫୋପାଡ଼ିଥିଲେ । ଏହି ଭିଡିଓଟି ସୋସିଆଲ ମିଡିଆରେ ନିଆଁ ଭଳି ବ୍ୟାପିବାରେ ଲାଗିଛି ।

ପଞ୍ଜାବ ଏବଂ ଲକ୍ଷ୍ନୌ ବିପକ୍ଷ ମ୍ୟାଚ ସମୟରେ ଦେଖିବାକୁ ମିଳିଥିଲା ଏଭଳି କିଛି ଦୃଶ୍ୟ । ଚିୟରଲିଡର୍ସ ରାଗିବା ପରେ ପୁଲିସକୁ କହିଥିଲେ । ଆଉ ପୁଲିସ ମ୍ୟାଡାମ ମଧ୍ୟ ରାଗିଯାଇଥିଲେ ଫ୍ୟାନ୍ସ ଉପରେ । କାଗଜରେ ନମ୍ବର ଲେଖି ଫୋପାଡ଼ିଥିବାବେଳେ ଭିଡିଓରେ ୟୁଜର୍ସମାନେ ମଜାଳିଆ କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି । କିଏ କହୁଛି ଭାଗ୍ୟ ପରୀକ୍ଷା କରଉଛନ୍ତି ବୋଲି ଲେଖୁଛନ୍ତି କି ଆଉ କିଏ ଲେଖୁଛି ପୁରା ଫର୍ମରେ ଫ୍ୟାନ । ସେପଟେ ଏଭଳି ଘଟଣାକୁ ଅନେକ ନିନ୍ଦା ମଧ୍ୟ କରିଛନ୍ତି ।

# ଟ୍ୱେଣ୍ଟି-୨୦ରେ ଦ୍ୱିଶତକ ମାରିବାକୁ ଚାହୁଁଛି: ବୈଭବ

ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ନିଜ କ୍ୟାରିୟରର ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏପରି ଏକ ଲକ୍ଷ୍ୟ ଯାହାକୁ ଏପର୍ଯ୍ୟନ୍ତ ବିଶ୍ୱର ବଡ଼ ବଡ଼ ବ୍ୟାଟର୍ ହାସଲ କରିପାରିନାହାନ୍ତି। ଏହି ଲକ୍ଷ୍ୟ ହେଉଛି ଟ୍ୱେଣ୍ଟି-୨୦ରେ ଦ୍ୱିଶତକ ଅର୍ଜନ। ପୂର୍ବତନ ଇଂଲଣ୍ଡ କ୍ରିକେଟର୍ କେଭିନ୍ ପିଟରସନଙ୍କ ସହ କଥାବାର୍ତ୍ତା ସମୟରେ ସେ ନିଜର ଏହି ଲକ୍ଷ୍ୟ କଥା କହିଛନ୍ତି। ସେ କହିଛନ୍ତି," କୌଣସି ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ୨୦ ଓଭର ଖେଳିପାରିଲେ ମୁଁ ନିଶ୍ଚିତଭାବେ ୨୦୦ ରନ୍ କରିବି''।





ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କର୍ କୀର୍ତ୍ତିମାନ ଓ୍ୱେଷ୍ଟଇଣ୍ଡିଜ୍‌ର କିଂବଦନ୍ତି ବ୍ୟାଟର୍ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ୨୦୧୩ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳି ସେ ପୁଣେ ଓ୍ୱାରିୟର୍ସ ବିପକ୍ଷରେ ୧୭୫ ରନ୍ କରିଥିଲେ। ଇତି ମଧ୍ୟରେ ୧୩ ବର୍ଷ ବିତିଯାଇଥିଲେ ବି ଗେଲ୍‌ଙ୍କ ଏହି କୀର୍ତ୍ତିମାନକୁ ଭଙ୍ଗ ହୋଇପାରିନାହାନ୍ତି। ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ସର୍ବାଧିକ ସ୍କର ବ୍ୟକ୍ତିଗତ ଅଷ୍ଟ୍ରେଲିଆର ଆରନ୍ ଫିଞ୍ଚଙ୍କ ନାମରେ ରହିଛି। ୨୦୧୮ରେ ଜିମ୍ବାଓ୍ୱେ ବିପକ୍ଷରେ ସେ ଏହି କୀର୍ତ୍ତିମାନ କରିଥିଲେ। ଏହା ପୂର୍ବରୁ ବୈଭବ ବିଜୟ ହଜାରେ ଟ୍ରଫିର ଗୋଟିଏ ମ୍ୟାଚ୍‌ରେ ୧୯୦ ସ୍କର କରିଥିଲେ। ସେହିପରି ଚଳିତ ବର୍ଷ ଅନୁଷ୍ଠିତ ୧୯ ବର୍ଷରୁ କମ ବିଶ୍ୱକପ ଫାଇନାଲ୍‌ରେ ସେ ଇଂଲଣ୍ଡ ବିପକ୍ଷରେ ୧୭୫ ରନ୍ କରିଥିଲେ। କିନ୍ତୁ ସେସବୁ ମ୍ୟାଚ୍ ୫୦ ଓଭର ବିଶିଷ୍ଟ ଥିଲା। ତେବେ ଟ୍ୱେଣ୍ଟି-୨୦ରେ ତାଙ୍କ ସର୍ବାଧିକ ସ୍କର ହେଉଛି ୧୪୪ ରନ୍।

# ରୋହିତ ରାଜ୍‌ପାଲ୍ ରାଜ୍ୟଗୋଷ୍ଠୀ ଦଳ ସେଫ୍ ଡି' ମିସନ୍

ନୂଆଦିଲ୍ଲୀ: ଗ୍ଲାସ୍‌ଗୋରେ ଜୁଲାଇ-ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଭାରତୀୟ ଦଳର ସେଫ୍ ଡି' ମିସନ୍ ନିଯୁକ୍ତ ହୋଇଛନ୍ତି ଭାରତୀୟ ଡେଭିସ୍ କପ୍ ଦଳର ପୂର୍ବତନ ଅଧିନାୟକ ରୋହିତ ରାଜ୍‌ପାଲ୍। ରବି ବେଙ୍ଗନିଙ୍କୁ ତାଙ୍କୁ ଡେପୁଟି ମନୋନୀତ କରାଯାଇଛି। ରାଜପାଲଙ୍କ ପ୍ରଶାସନିକ ଦକ୍ଷତା ଭାରତୀୟ ଦଳ ପାଇଁ ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଆଶା ପ୍ରକଟ କରିଛି। ରାଜପାଲ୍ ଏବେ ଆଇଓଏର କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ସର୍ବଭାରତୀୟ ଟେନିସ୍ ସଂଘର ଉପ ସଭାପତି ଅଛନ୍ତି। ସେହିଭଳି ବନ୍ଦନା ରାଓ ଏବଂ ରାହୁଲ ସ୍ୱାମୀଙ୍କୁ ଭାରତୀୟ ରାଜ୍ୟଗୋଷ୍ଠୀ କ୍ରୀଡା ଦଳର ପ୍ରବଂଧକ ନିଯୁକ୍ତ କରାଯାଇଛି। ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପିଟି ଉଷାଙ୍କ ସହିତ ସିଇଓ ରୁଘରାମ ଆୟର ଏବଂ ବିଘ୍ନେଶ ବେଙ୍ଗାଲିଲ ଉଜ୍ଜ୍ୱଳ ମଧ୍ୟ ଦଳ ସହ ଗ୍ଲାସଗୋ ଗସ୍ତ କରିବେ। ଭାରତୀୟ ଦଳ ସହ ସ୍ୱତନ୍ତ୍ର ଅତିଥି ଭାବେ ବିଶ୍ୱବିଜୟିନୀ ମୁଷ୍ଟିଯୋଦ୍ଧା ମେରି କମ୍, ପୂର୍ବତନ ହକି ଅଧିନାୟକ କମଲପ୍ରୀତ୍ କୌର, ପୂର୍ବତନ ଆଥଲେଟ୍ ସୁନିୟନା କୁମାରୀ ଏବଂ ପୂର୍ବତନ ଭାରୋତ୍ତୋଳିକା ରାଜଲକ୍ଷ୍ମୀ ସିଂହ ଦେଓ ମଧ୍ୟ ସାମିଲ ହେବେ।

## ପୂର୍ବତନ ତୀରନ୍ଦାଜ ଶ୍ୟାମ ଲାଲଙ୍କ ପରଲୋକ



ନୂଆଦିଲ୍ଲୀ, ୨୬।୫: ଭରତର ପୂର୍ବତନ ତୀରନ୍ଦାଜ ଶ୍ୟାମ ଲାଲ ମୀନାଙ୍କ ପରଲୋକ ଘଟିଛି। ସେ ୧୯୮୮ ସେଉଲ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଦିନ ହେଲା ଅସୁସ୍ଥ ଥିଲେ। ରାଜସ୍ଥାନର ବନ୍ସୱାରା ଜିଲାରେ ଜନ୍ମିତ ମୀନାଙ୍କ ପ୍ରତିନିଧିତ୍ୱରେ ଭାରତ ୧୯୮୭ ଏସିଆନ ଆର୍ଚରୀ ଚମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିଲେ। ଏଥିଯୋଗୁ ସେ ୧୯୮୮ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିଥିଲେ। ତାଙ୍କୁ ୧୯୮୯ରେ ଅର୍ଜୁନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପର ୨ୟ ଦିନର ଖେଳ



ବାରିପଦା ୨୬।୫: ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ର ୨ୟ ଦିନ ଅତିଥି ଭାବେ ଯୋଗଦେଇ ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅଶୋକ ପଟ୍ଟନାୟକ ଓ ପ୍ରସନ୍ନଜିତ ମହାନ୍ତି, ସଦସ୍ୟ ଶ୍ୱେତକେତୁ ଦତ୍ତ, ଲକ୍ଷ୍ମଣ ମହାପାତ୍ର ଏବଂ ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ଉପସ୍ଥିତ ଥିଲେ ଓ ବାଳକ ବିଭାଗର ୧ମ ମ୍ୟାଚରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ୪-୦ ଗୋଲରେ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀକୁ, ୨ୟ ମ୍ୟାଚରେ ଦେଉଳି ୟୁନାଇଟେଡ଼ ଫୁଟବଲ କ୍ଲବ ୫-୦ ଗୋଲରେ ଚଡେଇଗାଁ ଉଚ୍ଚ ବିଦ୍ୟାଳୟ, ମୋରଡାକୁ ପରାସ୍ତ କରିଥିବା ବେଳେ ୩ୟ ମ୍ୟାଚ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏନ ଓ୍ୱାଇ ଏସ, ବହଳଦା ମଧ୍ୟରେ ୧-୧ ଗୋଲରେ ଖେଳ ଡ୍ର ହୋଇଥିଲା ଓ ବାଳିକା ବିଭାଗରେ ବଡ଼ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧-୦ ଗୋଲରେ ବାଦାମପାହାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରିଥିଲା ଓ ବାପୁନ କୁମାର ମହାନ୍ତ, କେଶବ ସୋରେନ, ନାରାୟଣ ହାଁସଦା, ଯୁଗସେଙ୍ଗଲ ସୋରେନ, ସମ୍ରାଟ ହେମ୍ବ୍ରମ, ଲୋକନାଥ ହେମ୍ବ୍ରମ, ଅମ୍ବିକା ହେମ୍ବ୍ରମ, ସୁଭଦ୍ରା ହେମ୍ବ୍ରମ ଓ ସୋମବାରୀ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ ଓ ଶ୍ରୀନିବାସ ହେମ୍ବ୍ରମ ଓ ରାଇସେନ ଟୁଡୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଇନଷ୍ଟାଗ୍ରାମରୁ ୨୦୦ ପୋଷ୍ଟ ଡିଲିଟ୍ କଲେ ଅର୍ଶଦୀପ

ନୂଆଦିଲ୍ଲୀ, ୨୬।୫: ଓଟଖ ୨୦୨୬ରେ ପଞ୍ଜାବ କିଙ୍ଗସର ଅଭିଯାନ ସମାପ୍ତ ହେବା ସହିତ, ଅର୍ଶଦୀପ ସିଂଙ୍କ ପାଇଁ ମଧ୍ୟ ସିଜିନ୍ ଶେଷ ହୋଇଗଲା। ପଞ୍ଜାବ କିଙ୍ଗସ ଦଳର ସଦସ୍ୟ ଅର୍ଶଦୀପ ସିଂ ତାଙ୍କ ପ୍ରେମିକାଙ୍କ କାରଣରୁ ଆଇପିଏଲ୍‌ରେ ଚର୍ଚ୍ଚାରେ ରହିଥିଲେ । ବର୍ତ୍ତମାନ ସେ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ୨୦୦ରୁ ଅଧିକ ପୋଷ୍ଟ ଡିଲିଟ୍ କରିଛନ୍ତି । ଏହାକୁ ନେଇ ବର୍ତ୍ତମାନ ସେ ଚର୍ଚ୍ଚାକୁ ଆସିଛନ୍ତି । ଏହାସହ ସେ ତାଙ୍କର ଡିପି ମଧ୍ୟ ପରିବର୍ତ୍ତନ କରିଛନ୍ତି । ଅର୍ଶଦୀପ ସିଂଙ୍କ ଦ୍ୱାରା ଡିଲିଟ୍ କରାଯାଇଥିବା ପୋଷ୍ଟ ମଧ୍ୟରେ କେବଳ ବିରାଟ କୋହଲିଙ୍କ ଭାଇରାଲ ପୋଷ୍ଟ ନୁହେଁ ବରଂ ପଞ୍ଜାବ କିଙ୍ଗସ ସହିତ ଜଡିତ ଅନେକ ପୋଷ୍ଟ ମଧ୍ୟ ଥିଲା।





ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ୨୫ ମଇ ରାତିରେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପୋଷ୍ଟ କରିଥିଲେ । ତଥାପି, ଅର୍ଶଦୀପ ସିଂହ ଏହି ପଦକ୍ଷେପ ପଛରେ ଥିବା କାରଣ ସମ୍ପର୍କରେ କୌଣସି ବିବୃତ୍ତି ଜାରି କରିନାହାଁନ୍ତି । ଏହି ବିଷୟରେ ନୀରବ ରହି ସେ ତାଙ୍କ ପ୍ରଶଂସକମାନଙ୍କୁ ସନ୍ଦେହରେ ରଖିଛନ୍ତି। ପ୍ରଶଂସକମାନେ ବର୍ତ୍ତମାନ ଅନୁମାନ କରୁଛନ୍ତି ଯେ ଏହି ପ୍ରସଙ୍ଗ ବ୍ୟକ୍ତିଗତ ପ୍ରକୃତିର ନା ଏହା ପଛରେ କୌଣସି ବଡ଼ କାରଣ ଅଛି ।

ଅର୍ଶଦୀପ ସିଂ ୨୦୦ ରୁ ଅଧିକ ପୋଷ୍ଟ ଡିଲିଟ୍ କରିସାରିଛନ୍ତି। ଫଳସ୍ୱରୂପ, ତାଙ୍କ ଇନଷ୍ଟାଗ୍ରାମ ପ୍ରୋଫାଇଲରେ ପୋଷ୍ଟ ସଂଖ୍ୟା ଏବେ ମାତ୍ର ୪୦ ରେ ପହଞ୍ଚିଛି। ଡିଲିଟ କରାଯାଇଥିବା ପୋଷ୍ଟ ମଧ୍ୟରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ସମୟରେ ବିରାଟ କୋହଲିଙ୍କ ସହିତ ସେ ତିଆରି କରିଥିବା ଏକ ରିଲ୍ ମଧ୍ୟ ଅଛି – ଏକ ଭିଡିଓ ଯାହା ୧୫୦ ନିୟୁତ ଭ୍ୟୁଜ୍ ଅତିକ୍ରମ କରିଥିଲା। ପଞ୍ଜାବ କିଙ୍ଗ୍ସ ସହ ଜଡିତ ପୋଷ୍ଟ ବିଷୟରେ, ରିପୋର୍ଟ କରାଯାଇଛି ଯେ ସେ କିଛି ଡିଲିଟ୍ କରିଦେଇଥିଲେ ମଧ୍ୟ, ଏପରି ଅନେକ ପୋଷ୍ଟ ଏବେ ବି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ରହିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k